ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୫୭
୧୪ ନଭେମ୍ବର, ୨୦୨୫ ଶୁକ୍ରବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍
ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 157
14th November, 2025 Friday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍**
**ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତତ୍ ସତ୍ୟଂ ଯଚ୍ଛଳେନାଭ୍ୟୁପେତମ**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ । ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି । ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ । ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ ।

## ଶ୍ରେୟାଙ୍କ ଶୋ'ରେ ଦଳାଚକଟା: ୨ ଆହତ

**କଟକ, ୧୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ବାଲିଯାତ୍ରାର ଶେଷ ଦିନରେ ମୁଖ୍ୟ ଆକର୍ଷଣ ବଲିଉଡର ଖ୍ୟାତାନାମା ଗାୟିକା ଶ୍ରେୟା ଘୋଷାଲଙ୍କ ଶୋ'ରେ ଦଳାଚକଟା ଯୋଗୁ ୨ ଜଣ ଆହତ ହୋଇଛନ୍ତି । ଶ୍ରେୟାଙ୍କ ଶୋ ଦେଖିବା ପାଇଁ ଏବଂ ତାଙ୍କର ଝଲକ ଟିକେ ପାଇବା ପାଇଁ ଲୋକାରଣ୍ୟ ହୋଇ ଉଠିଛି ବାଲିଯାତ୍ରା ପଡିଆ । ପ୍ରବଳ ଭିଡ କାରଣରୁ ବାଲିଯାତ୍ରାରେ ଠେଲାପେଲା ଓ ଦଳାଚକଟା ପରିସ୍ଥିତି ଉପୁଜିଥିଲା । ଏଥିରେ ଜଣେ ମହିଳା ସମେତ ଦୁଇ ଜଣ ଆହତ ହୋଇଛନ୍ତି । ଏହାକୁ ନେଇ ପୋଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ।

ଶ୍ରେୟାଙ୍କ ଶୋ' ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିବା ବେଳେ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ବ୍ୟାରିକେଡ୍ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଆହତଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସା ପାଇଁ ସହାୟତା କେନ୍ଦ୍ରକୁ ନିଆଯାଇଥିବା ଜଣାଯାଇଛି ।

# ଆଜି ଗଣତି: ବିଜେଡି-ବିଜେପି ମୁହାଁମୁହିଁ

## ୪୧ ବୁଥରେ ୯୧% ଭୋଟିଂ ହେଲା କେମିତି ?



**ଭୁବନେଶ୍ୱର, ୧୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନ ଫଳ ଶୁକ୍ରବାର ପ୍ରକାଶ ପାଇବାକୁ ଥିବାବେଳେ ବିଜେପି ଏହି ନିର୍ବାଚନକୁ ପ୍ରଭାବିତ କରିଥିବା ନେଇ ଅଭିଯୋଗ ଆଣିଛି ବିଜୁ ଜନତା ଦଳ ।

ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଡ଼ ଲେନିନ ମହାନ୍ତି କହିଛନ୍ତି, ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରାଯାଇ ନିର୍ବାଚନକୁ ପ୍ରଭାବିତ କରାଯାଇଥିବା କହିଛନ୍ତି । ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆସନ୍ନ ପରାଜୟକୁ ଦେଖି ବିଜେଡି ପ୍ରଳାପ କରୁଛି



**ଭୁବନେଶ୍ୱର, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନରେ ବିଜେପି ଇତିହାସ ରଚିବାକୁ ଯାଉଛି । ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଯେତେ ଉପନିର୍ବାଚନ ହୋଇଛି ତା'ଠାରୁ ଅଧିକ ଭୋଟ ବ୍ୟବଧାନରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜେପି ବିଜୟୀ ହେବାକୁ ଯାଉଛି । ବିଜେଡି ବୋଧହୁଏ ଏକଥା ଅନୁଭବ କରିସାରିଲାଣି । ଆସନ୍ନ ପରାଜୟର ହତାଶ ହୋଇ ତାଙ୍କ ଦଳର ନେତାମାନେ ବିଭିନ୍ନ ପ୍ରକାର ବାହାନା ଖୋଜିବା ସହ ପ୍ରଳାପ ଆରମ୍ଭ କଲେଣି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଏହି ଉପନିର୍ବାଚନରେ ତାଙ୍କ ଦଳର ମୁଖିଆ ନବୀନ ପଟ୍ଟନାୟକ ପ୍ରଚାର କରିବେ ନାହିଁ ବୋଲି ପ୍ରଥମେ ଚର୍ଚ୍ଚା ହୋଇଥିଲା । ପରେ ଅବସ୍ଥା ଏପରି ହୋଇଥିଲା ଯେ, ନବୀନବାବୁ ଦୁଇ ଦୁଇଥର ନିର୍ବାଚନୀ ପ୍ରଚାରରେ ଯାଇଥିଲେ । ଆଉ ଯେଉଁ ପ୍ରକାର ଅପଶବ୍ଦ ଓ ଭାଷା ପ୍ରୟୋଗ କଲେ ତାହା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୦ରୁ ଖରିଫ ଧାନ କିଣା

**ଭୁବନେଶ୍ୱର, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦ରୁ ଆରମ୍ଭ ହେବ ଖରିଫ ଧାନ କିଣା । ବରଗଡ ଜିଲ୍ଲାରୁ ଆରମ୍ଭ ହେବ ଧାନ କିଣା । ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି । ଦୁଇ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ପାଇଁ ହୋଇଛି ନିଷ୍ପତ୍ତି । ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୮୦ଟି ସମବାୟ ସମିତିରେ ୨୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟୟ ବରାଦ ହୋଇଛି । ୯୩୭ଟି ସମବାୟ ସମିତି, ଆରଏମସିରେ ୫୧୬କୋଟି ଟଙ୍କା ବ୍ୟୟରେ ଭିତ୍ତି ଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହେବ ।

ଚଳିତ ବର୍ଷ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଏହା ପ୍ରଥମ କ୍ରୟ ଋତୁ ହେବ । 'ବିଜେପି ସରକାର କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କାରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରତିବଦ୍ଧ । କେନ୍ଦ୍ର ଦ୍ୱାରା ସ୍ଥିର କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୨,୩୦୦ ଟଙ୍କା ବ୍ୟତୀତ ଚାଷୀମାନଙ୍କୁ ଫସଲର କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅତିରିକ୍ତ ଇନପୁଟ୍ ସବସିଡି ଦିଆଯିବ ।

## ଜୟପୁର ଫାଣ୍ଡି ଅଧିକାରୀ ନିଲମ୍ବିତ

**କୁଆଁପାଳ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧିକାରୀ ନିଲମ୍ବିତ । ଜୟପୁର ଫାଣ୍ଡି ଅଧିକାରୀ ମନୋଜ ବେହେରାଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ନିଲମ୍ବନ କରିଛନ୍ତି । ମାହାଙ୍ଗା ଥାନା ସମସରପୁର ଗାଁର ଯୁବକ ଦେବବ୍ରତଙ୍କୁ ଘରୁ ଡାକି ନିଷ୍ଠୁର ମାଡ଼ ମାରିଥିଲେ ଫାଣ୍ଡି ଅଧିକାରୀ ମନୋଜ ବେହେରା । ପୂର୍ବରୁ ତାଙ୍କ ନାଁରେ ମହିଳାମାନଙ୍କୁ ଫାଣ୍ଡିରେ ଅସଦାଚାରଣ କରିବା ସହ ମାଡ଼ ମାରିବା ନେଇ ଅଭିଯୋଗ ରହିଥିଲା ।

# ଏଜି ଛକରେ ହେବ ଦୁଇ ଥାକିଆ ରାସ୍ତା

**ଭୁବନେଶ୍ୱର, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏଜି ଛକରୁ ଟ୍ରାଫିକ ପୋଷ୍ଟ ହଟିବା ସହିତ ଭିଡ ନିୟନ୍ତ୍ରଣ ପାଇଁ ସେଠାରେ ଦୁଇ ଥାକିଆ ରାସ୍ତା ତିଆରି ହେବ । ମାଟି ତଳେ ଓ ମାଟି ଉପରେ ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ । ଏନେଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇଛି । ଚୁଡାନ୍ତ ଅନୁମୋଦନ ପରେ କାମ ଆରମ୍ଭ ହେବ । ଆଜି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଜି ଛକର ଏହି ଦୁଇ ଥାକିଆ ରାସ୍ତା ପ୍ରକଳ୍ପର ସମୀକ୍ଷା କରିବା ସହ ରାଜଧାନୀର ଭିଡ ନିୟନ୍ତ୍ରଣ ପାଇଁ ପ୍ରସ୍ତାବିତ ୨୦ଟି ରାସ୍ତା କାମର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି ।



ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ ଜୟଦେବ ବିହାରଠାରୁ ନନ୍ଦନକାନନରେ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଇଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର । ରାଜଧାନୀର ଟ୍ରାଫିକ ସମସ୍ୟା ଦୂର କରିବାକୁ ନୂଆ ୨୦ଟି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି । ମୁଖ୍ୟ ରାସ୍ତାଗୁଡିକ ସହ ସମାନ୍ତରାଳ ରାସ୍ତାର ବିକାଶ ପାଇଁ ଯୋଜନା କରାଯାଇଛି । ଏହିସବୁ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହେବ ଏବଂ ନିର୍ଦ୍ଧାରିତ ସମୟରେ ସରିବ ସେନେଇ ଆଜିର ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି ।

ରାଜ୍ୟରେ ସଡକ ଭିତ୍ତିଭୂମୀର ବିକାଶ ପାଇଁ ପୂର୍ବ ଅପେକ୍ଷା କେନ୍ଦ୍ରରୁ ଅଧିକ ଅନୁଦାନ ଆସୁଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହାକୁ ପୂରା କରିବାକୁ ହେଲେ ରାସ୍ତାଘାଟ ଓ ଅନ୍ୟ ଭିତ୍ତିଭୂମିରେ ବିକାଶକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ । ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସହ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦ୍ୱୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦିଲ୍ଲୀରେ ଏବେ ମାସ୍କ ବି ଯଥେଷ୍ଟ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ପ୍ରଦୂଷଣସମସ୍ୟା ଉତ୍କଟ ହେବାରୁ ଗୁରୁବାର ଏ ନେଇ ଗମ୍ଭୀର ଚିନ୍ତା



ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । କେବଳ ମାସ୍କ ପିନ୍ଧିଲେ ଯଥେଷ୍ଟ ହେବନି, ବରିଷ୍ଠ ଓକିଲମାନେ ଭର୍ଚୁଆଲ୍ ଭାବରେ ଶୁଣାଣିରେ ଉପସ୍ଥିତ ରହନ୍ତୁ ବୋଲି କୋର୍ଟ କହିଛନ୍ତି । ଦିଲ୍ଲୀରେ ପ୍ରଦୂଷଣ ବହୁତ ଗମ୍ଭୀର ସ୍ଥିତିରେ ଥିବାରୁ ଯେଉଠି ଭିଡିଓ କନଫରେନ୍ସିଂର ସୁବିଧା ଥିବ ସେଠାରେ ଓକିଲମାନେ ଭାର୍ଚୁଆଲ୍ ଭାବରେ ଶୁଣାଣି ବେଳେ ଉପସ୍ଥିତ ରହିବାକୁ କୋର୍ଟ କହିଛନ୍ତି ।

ଏନେଇ ବିଚାରପତି ପିଏସ୍ ନରସିଂହା ଅସନ୍ତୋଷ ବ୍ୟକ୍ତ କରିବା ସହି ଉଚ୍ଚା ସ୍ୱରରେ ବରିଷ୍ଠ ଓକିଲମାନଙ୍କୁ ସମ୍ବୋଧିତ କରି କହିଛନ୍ତି 'ତୁମେ ସମସ୍ତେ ଏଠାରେ କାହିଁକି ଉପସ୍ଥିତ ହେଉଛ ? ଆମର ଏକ ଭର୍ଚୁଆଲ୍ ଶୁଣାଣି ସୁବିଧା ଅଛି । ଦୟାକରି ଏହାର ଲାଭ ଉଠାଅ । ଏହି ପ୍ରଦୂଷଣ ଏକ ପରମାନେଣ୍ଟ କ୍ଷତି କରିବ । ମାସ୍କ ମଧ୍ୟ ଏଥିପାଇଁ ଯଥେଷ୍ଟ ନୁହେଁ । ଏହା ଯଥେଷ୍ଟ ହୋଇପାରିବ ନାହିଁ । ଏନେଇ ଆମେ ମୁଖ୍ୟ ବିଚାରପତିଙ୍କ ସହ ମଧ୍ୟ ଆଲୋଚନା କରିବୁ ।' ସେପଟେ ଦିଲ୍ଲୀରେ ଲଗାତର ବାୟୁ ପ୍ରଦୂଷଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## କଙ୍ଗନାଙ୍କ ନାଁରେ ଚାଲିବ ଦେଶଦ୍ରୋହ ମାମଲା

**ନୂଆଦିଲ୍ଲୀ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ହିମାଚଳ ପ୍ରଦେଶର ମଣ୍ଡିର ଭାଜପା ଏମ୍‌ପି ଏବଂ ପ୍ରସିଦ୍ଧ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କ ଦ୍ୱାରା ଦାୟର ଏକ ସଂଶୋଧନ ଆବେଦନ ଆଗ୍ରା କୋର୍ଟରେ ଗ୍ରହଣ କରାଯାଇଛି । କଙ୍ଗନାଙ୍କ ବିରୋଧରେ ଚାଷୀମାନଙ୍କୁ ଅପମାନ ଏବଂ ଦେଶଦ୍ରୋହ ଅଭିଯୋଗ ଆଣି ଦାଖଲ କରାଯାଇଥିବା ସଂଶୋଧନ ଆବେଦନକୁ ଗ୍ରହଣ କରାଯାଇଛି । ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୯ରେ ଅନୁଷ୍ଠିତ ହେବ ।

ଆଗ୍ରାରେ ଓକିଲ ରାମଶଙ୍କର ଶର୍ମା ୧୧ ସେପ୍ଟେମ୍ବର ୨୦୨୪ରେ ଏମପି ବିଧାୟକ କୋର୍ଟରେ କଙ୍ଗନାଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ । ଏଥିରେ



ସେ ଚାଷୀ ଏବଂ ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିଥିବା ଅଭିଯୋଗ କରିଥିଲେ । ମାମଲାର ଶୁଣାଣି ୯ ମାସ ପରେ, ସ୍ୱତନ୍ତ୍ର ଏମପି ବିଧାୟକ କୋର୍ଟ ଅସମ୍ପୂର୍ଣ୍ଣ ବ୍ୟାଖ୍ୟା ଯୋଗୁ ମାମଲାକୁ ଖାରଜ କରିଦେଇଥିଲେ ।

ଓକିଲ ରାମଶଙ୍କର ଶର୍ମା କହିଛନ୍ତି, ସେ ଏକ ସଂଶୋଧନ ଆବେଦନ ଦାୟର କରିଥିଲେ । ଆବେଦନର ଶୁଣାଣି ପରେ, ସ୍ୱତନ୍ତ୍ର ବିଚାରପତି ଏମପି ବିଧାୟକ ଲୋକେଶ କୁମାର ତାଙ୍କ ସଂଶୋଧନକୁ ଗ୍ରହଣ କରି ନିର୍ଦ୍ଦେଶ ଜାରି କରିଥିଲେ । ତଳ କୋର୍ଟ ମେ ୬ ୨୦୨୫ରେ ତାଙ୍କ ମାମଲାକୁ ଖାରଜ କରିଦେଇଥିଲେ । ନଭେମ୍ବର ୧୨ରେ ସଂଶୋଧନ ଆବେଦନକୁ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ ଶୁଣାଣି ନଭେମ୍ବର ୨୯ରେ ହେବ ।

ଆବେଦନ ଅନୁଯାୟୀ, ଏହି ମାମଲା ପ୍ରଥମେ ସେପ୍ଟେମ୍ବର ୧୧, ୨୦୨୪ରେ ସାମ୍ନାକୁ ଆସିଥିଲା । କଙ୍ଗନାଙ୍କ ବୟାନ ସାରା ଦେଶର ଚାଷୀ ଏବଂ ନାଗରିକଙ୍କ ଭାବନାକୁ ଆଘାତ ଦେଇଥିଲା । ସ୍ୱତନ୍ତ୍ର ବିଚାରପତି ଲୋକେଶ କୁମାର ଉଭୟ ପକ୍ଷର ଯୁକ୍ତି ଶୁଣି ସଂଶୋଧନ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୬୪ କୋଟି ଲିଟର କ୍ଷୀରରୁ ୫୦ କୋଟି ଅପମିଶ୍ରିତ

**ନୂଆଦିଲ୍ଲୀ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନକଲୀ ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟୀ ଭାରତରେ ମାନବ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ତାଜା ରିପୋର୍ଟ ଭାରତରେ ନକଲୀ ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଉପରୁ ପର୍ଦ୍ଦା ହଟାଇଛି । ରିପୋର୍ଟ ଅନୁସାରେ ଭାରତରେ ଦୈନିକ ୬୪ କୋଟି ଲିଟର ଦୁଗ୍ଧ ବିକ୍ରି ହେଉଛି । ତେବେ ଏଥିରୁ ୫୦ କୋଟି ଲିଟର ଅପମିଶ୍ରିତ ଓ ନକଲୀ ବୋଲି ରିପୋର୍ଟରେ କୁହାଯାଇଛି । ଏପରି ଦୁଗ୍ଧ ସେବନ ସ୍ୱାସ୍ଥ୍ୟ ଲାଗି କ୍ଷତି କାରକ ଓ ଏହାର ଉପଯୋଗ କ୍ୟାନସର ଭଳି ରୋଗର କାରଣ ହୋଇପାରେ ବୋଲି ସଙ୍ଗଠନ ସତର୍କ କରାଇଛନ୍ତି ।

ସୂଚନା ଅନୁସାରେ ପଞ୍ଜାବରେ



୨୫ଲକ୍ଷ ଗାଈ ଓ ୪୦ ଲକ୍ଷ ମଇଁଷି ଅଛନ୍ତି । ଏହା ହେଉଛି ସରକାରୀ ତଥ୍ୟ, ହେଲେ ଦୁଗ୍ଧ ଦେଉଥିବା ପଶୁଙ୍କ ସଂଖ୍ୟା ରାଜ୍ୟରେ ବହୁତ କମ୍ । ପଞ୍ଜାବରେ ଦୈନିକ ୧୬ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି । ରାଜ୍ୟରେ ଉତ୍ପାଦିତ ଦୁଗ୍ଧର ୬୦% ଲୋକେ ନିଜ ଘରୋଇ ଉପଯୋଗ କରୁଛନ୍ତି । ବଳକା ୪୦% ଦୁଗ୍ଧକୁ ଦହୀ, ଲହୁଣୀ, ପନିର, ପ୍ୟାକେଜଡ୍ ଦୁଗ୍ଦ ଓ ଗୁଣ୍ଡ ଦୁଗ୍ଧ ପାଇଁ ଉପଯୋଗ କରାଯାଉଛି ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ କ୍ୱାଲିଟି ଯାଞ୍ଚ ପ୍ରାଧିକରଣ ଦ୍ୱାରା କରାଯାଇଥିବା ଏକ ସର୍ଭେକ୍ଷଣରେ ରାଜ୍ୟର ୩୭% ଦୁଗ୍ଧ ନମୁନା ଶୁଦ୍ଧତା ଯାଞ୍ଚରେ ଫେଲ ହୋଇଛି । ଅଧିକ ଲାଭ ଆଶାରେ ଦେଶର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଦୁଗ୍ଧ ବିକ୍ରେତା ଆରାରୁଟ, ରଙ୍ଗ, ଓ୍ୱାସିଂପାଉଡର ଓ ଗ୍ଲୁକୋଜ ତଥା ମିଲ୍କ ପାଉଡରରୁ ଦୁଗ୍ଧ ପ୍ରସ୍ତୁତ କରି ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି । ଦେଶରେ ନକଲୀ ଦୁଗ୍ଧ ବିକ୍ରି ଯୋଗୁ ଅସଲୀ ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କୁ ସେମାନଙ୍କ କ୍ଷୀରର ମୂଲ୍ୟ ମିଳୁନାହିଁ । ଏଣୁ ଗ୍ରାମାଞ୍ଚଳରେ ଲୋକେ ଏବେ ଲାଭ ହେଉନଥିବାରୁ ଗାଈଗୋରୁ ବିକ୍ରି କରିଦେଉଛନ୍ତି ।

ଅନ୍ୟପଟେ ଦେଶରେ ନକଲି ଦୁଗ୍ଧ ବ୍ୟବସାୟ ବଢିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୦ରୁ ଅଧିକ ଗାଡିକୁ ଧକ୍କା ଦେଲା ଟ୍ରକ୍: ୮ ମୃତ



**ପୁଣେ, ୧୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣେର ନାଭାଲେ ବ୍ରିଜରେ ଭୟଙ୍କର ସଡ଼କ ଦୁର୍ଘଟଣା । ଗୁରୁବାର ଘଟିଥିବା ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପ୍ରାୟ ୨୦ ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି । ଦୁଇଟି ଟ୍ରକ୍ ଏବଂ ଗୋଟିଏ କାରରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣା ବେଙ୍ଗାଲୁର-ମୁମ୍ବାଇ ହାଇଓ୍ୱେ ନମ୍ବର ୪ରେ ଘଟିଛି । ରିପୋର୍ଟ ଅନୁସାରେ, ସତାରାରୁ ମୁମ୍ବାଇ ଯାଉଥିବା ରାଜସ୍ଥାନ ନମ୍ବର ପ୍ଲେଟ ଥିବା ଗୋଟିଏ ଟ୍ରକ ହଠାତ୍ ନିୟନ୍ତ୍ରଣ ହରାଇଲା । ଟ୍ରକଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ନିୟନ୍ତ୍ରଣ ହରାଇ ଚାଲିବା ସହ କଣ୍ଟେନର, ଟେମ୍ପୋ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଯାନ୍ତ୍ରିକ କୃଷିର ପ୍ରସାର: ସରକାରଙ୍କ ପାଇଁ ବୁଲା ଷଣ୍ଢ ଚିନ୍ତା

**ଭୁବନେଶ୍ୱର, ୧୩।୧୧: ତଥ୍ୟ**

ଗାଁ ଗହଳରେ ଯାନ୍ତ୍ରିକ କୃଷିର ପ୍ରସାର ଯୋଗୁଁ ଆଉ ହଳ କରିବା ପାଇଁ ବଳଦର ଆବଶ୍ୟ ପଡୁନାହିଁ । ବଳଦର କାମ ଟ୍ରାକ୍ଟର କରିଦେବା ଫଳରେ ଲୋକେ ଜନ୍ମ ହେଉଥିବା ଅଣ୍ଡିରା ବାଛୁରୀଗୁଡିକୁ ବିଭିନ୍ନ ଦେବାଳୟ ନିକଟରେ ଷଣ୍ଢକରି ଛାଡି ଦେଉଛନ୍ତି । ଏଭଳି ବୁଲା ଷଣ୍ଢ ଏବେ ଉଭୟ ଚାଷୀ ଓ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ଏମାନଙ୍କୁ ଗୋଶାଳାରେ ରଖିବାପାଇଁ ଯୋଜନା ଚାଲିଛି ।

ଚାଷ କାର୍ଯ୍ୟପାଇଁ ଲୋକେ ଏବେ ସାଧାରଣତଃ ଟ୍ରାକ୍ଟର କିମ୍ବା ପାଓ୍ୱାରଟିଲର ଉପରେ ନିର୍ଭର କରୁଛନ୍ତି । ଏହା ଅପେକ୍ଷାକୃତ ଶସ୍ତା ଓ କମ୍ ଖର୍ଚ୍ଚରେ ହେଉଛି



। ବଳଦଙ୍କ ଦ୍ୱାରା ହଳ କରିବାକୁ ହେଲେ ବଳଦଙ୍କ ସହିତ ହଳ ପାଇଁ ଲୋକ ମୁତୟନ କରିବାକୁ ପଡିବ । ତେଣୁ ଏତେ ଖର୍ଚ୍ଚାନ୍ତ ହେବା ଅପେକ୍ଷା ଲୋକେ ନିଜ ନିଜର ହଳ ଲଙ୍ଗଳକୁ ସବୁଦିନ ପାଇଁ ଭୁଲିଗଲେଣି । ପୂର୍ବରୁ ବଳଦମାନେ ହଳ କରିବା ସହିତ ଧାନ ବେଙ୍ଗେଳାରେ ବୁଲୁଥିଲେ ଓ କେତେକ କ୍ଷେତ୍ରରେ ଶଗଡ ଟାଣୁଥିଲେ । ଏବେ ବେଙ୍ଗେଳା ଆଉ ପଡୁନାହିଁ । ଚାଷୀମାନେ ମେସିନ୍‌ରେ ଧାନ ଅମଳ କରିଦେଉଥିବାବେଳେ ଗାଁ ଗହଳରେ ଶଗଡର ସ୍ଥାନ ଟ୍ରାକ୍ଟର ନେଇ ଗଲାଣି ।

ତେଣୁ ଯେଉଁମାନଙ୍କର ଗାଈଟି ଅଣ୍ଡିଆ ବାଛୁରୀ ଜନ୍ମ ହେଉଛି ତାହାକୁ ଟିକେ ବଡ ହେବାପରେ ଲୋକେ ଷଣ୍ଢ କରିଦେଉଛନ୍ତି । ଏଥିପାଇଁ ବିଭିନ୍ନ ମହାଦେବଙ୍କ ପୀଠ ନିକଟରେ ଛାଡି ଦେଉ ଆସୁଛନ୍ତି । କାଳେ ଘର ନିକଟରେ ଛାଡିଲେ ବାଛୁରିଟି ପୁଣି ଫେରିଆସିବ ତେଣୁ ଗାଡିଭଡା ଅନେକ ଦୂର ଦୂରାନ୍ତରେ ଥିବା ଦେବାଳୟ ନିକଟରେ ରାତିବେଳା ଛାଡି ଦେଉଛନ୍ତି ।

ଏହି ଷଣ୍ଢମାନେ ଦିନ ରାତି ବୁଲି ଫସଲ ଖାଇବା ସହିତ ନଷ୍ଟ କରୁଛନ୍ତି । ଏପରିକି ଲୋକଙ୍କ ବାଡିରେ ପଶି ଫସଲ ଓ ଅମଳ ଧାନକୁ ଖାଇ ଯାଉଛନ୍ତି । ତେଣୁ ଏମାନଙ୍କ ଦାଉରୁ ରକ୍ଷା ପାଇବାପାଇଁ କେତେକ ସ୍ଥାନରେ ଲୋକେ ସରକାରୀକଳ ନିକଟରେ ଗୁହାରି କରୁଛନ୍ତି ।

ବୁଲାଷଣ୍ଢମାନଙ୍କୁ ଖୁଆଡରେ ରଖିବାପାଇଁ ଏବେ ସରକାର ଗୋଶାଳା ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବି ଯୋଗାଇ ଦିଆଯାଉଛି । ୫୦ ଟିକିଆ ଗୋରୁ ରହିବାପାଇଁ ଯେଉଁମାନେ ଗୋଶାଳା ନିର୍ମାଣ କରୁଛନ୍ତି ସେମାନଙ୍କୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ୧୦୦ଟି ଗୋରୁ ରହିବାର ଗୋଶାଳା ପାଇଁ ୩୬ଲକ୍ଷ ଏବଂ ୧୫୦ଟି ଗୋରୁ ରହିବାର ଗୋଶାଳା ପାଇଁ ୫୨ ଲକ୍ଷଟଙ୍କାର ଆର୍ଥିକ ସହାୟତା ମିଳୁଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୪ ନଭେମ୍ବର ୨୦୨୫ । ଶୁକ୍ରବାର




## ରଙ୍ଗିଲା କନେଷ୍ଟବଳ ଜେଲ୍ ଗଲେ



**ମାର୍ଶାଘାଇ: ଏକ୍ସପ୍ରେସ ନ୍ୟୁଜ୍**

ମାର୍ଶାଘାଇ ଥାନା ଶିଳିପୁର ଗ୍ରାମରେ ଭଡାଘରେ ରହୁଥିବା କୁଦାନଗରୀ ଥାନା ହାବଲଦାର ଅଜୟ ସାହୁଙ୍କୁ ଗୁରୁବାର ମାର୍ଶାଘାଇ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ସିଂହପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ଅଜୟ କୁଦାନଗରୀରେ ଚାକିରୀ କରୁଥିବା ବେଳେ ମାର୍ଶାଘାଇ ଥାନା ଶିଳିପୁର ଗ୍ରାମରେ ଘର ଭଡା ନେଇ ନିଜ ପରିବାର ରଖି ରହୁଥିଲେ । ଗତ ଅଗଷ୍ଟ ମାସ ୨୩ତାରିଖ ଦିନ ଯୁବତୀଙ୍କୁ ଅଜୟ ପ୍ରେମ ନିବେଦନ କରିଥିଲେ । ଏପରିକି ସେ ଲକ୍ଷେ ଟଙ୍କା ଦରମା ପାଉଛନ୍ତି । ଜୀବନରେ ଟିକେ ଶାନ୍ତି ନାହି । ସବୁ ଖାଁ ଖାଁ ଲାଗୁଛି । ମନତୁଟି ଗଲାଣି । ମୁଁ ପ୍ରେମ କାଙ୍ଗାଳ । ମୋର ପ୍ରେମ ଦରକାର ଭଳି ଭଏସ ରେକର୍ଡ ମୋବାଇଲକୁ ମୋବାଇଲ ଭାଇରାଲ ହେଉଥିଲା । ଯୁବତୀ ଜଣକ ଏସପିଙ୍କ ପାଖରେ ଅଭିଯୋଗ କରିବା ପରେ ମାର୍ଶାଘାଇ ଥାନାରେ (୨୫୩/୨୫)ରେ ମାମଲା ହୋଇଥିଲା । ଏହି ଘଟଣାରେ ଅଜୟ ଉଚ୍ଚନ୍ୟାୟାଳୟରୁ ଗିରଫ ନହେବା ପାଇଁ ମଧ୍ୟବର୍ତ୍ତିକାଳୀନ ରହିତାଦେଶ ଆଣି ରହିଥିଲେ । ରହିତାଦେଶ ଉଠିଯିବାରୁ ଗୁରୁବାର ମାର୍ଶାଘାଇ ପୋଲିସ ହାବିଲଦାର ଅଜୟ ସାହୁଙ୍କୁ ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ୮ ବେଆଇନ୍ ଯାଆଁଳ ଧରାଳି ଅଟକ



**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଦେବୀ ମୁହାଁଣ ନାସିରେ ଓଡିଶା ବାହାରୁ ଆସି ବିଭିନ୍ନ ଯାଆଁଳ ଧରୁଥିବା ୮ ଜଣଙ୍କୁ ଅଟକ ରଖାଯାଇଛି । ସୂଚନା ଥାଉକି ଦେବୀ ମୁହାଁଣ ନାସିରେ ପଶ୍ଚିମ ବଙ୍ଗଳାର ଏହିମାନଙ୍କୁ ସ୍ଥାନୀୟ ଅଞ୍ଚଳର ଜାଆଁଳ ବ୍ୟବସାୟୀ ସେମାନଙ୍କୁ ଆଣି ଜାଆଁଳ ଧରିବା କାର୍ଯ୍ୟରେ ନିୟୋଜିତ କରିଥାନ୍ତି । ସେହି ଜାଆଁଳକୁ ବିଭିନ୍ନ ସ୍ଥାନକୁ ପଠାଇ ବେସ୍ ଲାଭବାନ୍ ହୋଇ ଥାନ୍ତି । ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମାଛ ଧରୁଥିବା ଧୀବର ସମ୍ପ୍ରଦାୟ ଓ ମାଛ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରୁଥିବା ହଜାର ହଜାର ମତ୍ସ୍ୟଜୀବି ପ୍ରଭାବିତ ହେଉଥିଲେ । ମୁହାଁଣରୁ ଖଇଙ୍ଗା, ପୋଟେଇ ଆଦି ଜାଆଁଳ ଧରିବା ଓ ଅନ୍ୟ ଜାଆଁଳକୁ ନଷ୍ଟ କରିବା ଦ୍ୱାରା ନଇରେ ମାଛ ବଂଶ ଲୋପ ପାଇଯାଉଥିବା ମତ୍ସ୍ୟଜୀବିମାନେ ପ୍ରତିବର୍ଷ ଅଭିଯୋଗ କରି ଆସୁଥିଲେ । ସୂଚନା ପାଇ ଏମାନଙ୍କୁ ଗତ ମଙ୍ଗଳବାର ବ୍ଲକ୍ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ ଓ ଅସ୍ତରଙ୍ଗ ସାମୁଦ୍ରିକ ଥାନା ମିଳିତ ଭାବେ ଚଢ଼ାଉ କରି ୮ ଜଣ ଜାଆଁଳ ଧରାଳି ଓ ବିଭିନ୍ନ ଅନୁସଙ୍ଗିକ ସାମଗ୍ରୀ ଜବତ କରିବା ସହ ସେମାନଙ୍କ ଠାରୁ ଲିଖିତ ରଖି ସେମାନଙ୍କ ଆଧାର ଓ ଅନ୍ୟାନ୍ୟ ପରିଚୟ ପତ୍ର ଯାଞ୍ଚ କରିଥିଲେ । ସେମାନଙ୍କ ପାଖରେ ଥିବା ୧୨ ହଜାର ଖଇଙ୍ଗା ମାଛ ଜାଆଁଳକୁ ନୂଆଗଡ ଜେଠୀ ପାଖ ନଇରେ ଛାଡି ଦିଆଯାଇଥିବା ବ୍ଲକ୍ ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ଦାସ ସୂଚନା ଦେଇଛନ୍ତି । ଆଗକୁ ବେଆଇନି ଭାବେ ଜାଆଁଳ ଧରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତ୍ସ୍ୟ ଅଧିକାରୀ ଶ୍ରୀ ଦାସ କହିଛନ୍ତି । ଏହି ଚଢ଼ାଉରେ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ ଓ ସ୍ଥାନୀୟ ମତ୍ସ୍ୟଜୀବି ମିଳିତ ଭାବେ ସହଯୋଗ କରିଥିଲେ ।

## ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ସାଂସଦ



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳର ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ନନ୍ଦପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ନନ୍ଦପୁର ଗ୍ରାମର ହାତୀ ଆକ୍ରମଣରେ ମୃତ ନିନୁ ସାହୁ (୫୦)ଙ୍କ ବାସଭବନରେ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପହଞ୍ଚି ତାଙ୍କ ଶୋକାକୁଳ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ସାଂସଦ ଡିଏଫଓ ଅନଗୁଳ ନୀତିଶକୁମାରଙ୍କ ସହ ମୃତ ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ରାଶି ପ୍ରଦାନ ବାବଦରେ ପଚାରି ବୁଝିବା ସହ ମୃତକଙ୍କ ଭଉଣୀକୁ କୌଣସି ଦପ୍ତରରେ କିପରି ଠିକା ନିଯୁକ୍ତି ହେଉ କି କୌଣସି ଯୋଜନାରେ ନିଯୁକ୍ତି ମିଳିପାରିବ ସେଥିପାଇଁ ପରାମର୍ଶ ଦେଇଥିଲେ । ଏହି ପ୍ରକାରଣରେ କିପରି ବନ୍ୟଜନ୍ତୁଙ୍କ ଆକ୍ରମଣରେ ଦିନକୁ ଦିନ ଯେଉଁ ମୃତ ଏବଂ ଆହତ ସଂଖ୍ୟା ବଢୁଛି କିପରି ତାହା ରୋକା ଯାଇପାରିବ ସେଥିପ୍ରତି ଯଥେଷ୍ଟ ଯତ୍ନବାନ ହେବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇପାରିବ ସେଥିପ୍ରତି ମଧ୍ୟ ଦୃଷ୍ଟି ନିବଦ୍ଧ କରିବାକୁ ଆଦେଶ ଦେଇଥିଲେ । ସେହି ଅଞ୍ଚଳବାସୀଙ୍କ ତରଫରୁ ଆଲୋକୀକରଣ କରିବା ପାଇଁ ଥିବା ଦାବିକୁ କିପରି ତ୍ୱରିତ ଗତିରେ କାର୍ଯ୍ୟକାରୀ କରାଯିବ ତାହା ସାଂସଦ ଡିଏଫଓଙ୍କୁ ପରାମର୍ଶ ଦେଇଥିଲେ । ସାଂସଦଙ୍କ ଏହି ଗସ୍ତ ସମୟରେ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ତରଫରୁ ହିଡ଼ସିଂ ପ୍ରକଳ୍ପ କିପରି ଅଗ୍ରଗତି ହେବ ଏବଂ ସେଥିପାଇଁ ଜଙ୍ଗଲ ଏବଂ ପରିବେଶ ବିଭାଗୀୟ ଅନୁମତି ପାଇଁ ଆସିଥିବା ବୈଷୟିକ କମିଟିର ମଞ୍ଜୁରୀ ମିଳିପାରିବ ସେ ବାବଦରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଅନୁରୋଧ କରିଥିଲେ । ସେ ଦିଗରେ ଆଗାମୀ ଶୀତ କାଳୀନ ଅଧିବେଶନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କିପରି ତାହା ଖୁବଶୀଘ୍ର କାର୍ଯ୍ୟକାରୀ ହେବ ସେଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ମୃତକଙ୍କ ପରିବାରକୁ ଭେଟିବା ବେଳେ ସାଂସଦଙ୍କ ସହ ସାଂସଦଙ୍କ ଅନଗୁଳ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଦସ୍ୟା ସୀତା ନାୟକ, ବିଜେପି କୃଷକ ମୋର୍ଚ୍ଚାର ନେତା ସରୋଜ ଜେନା, ସମାଜସେବୀ ଅବସରପ୍ରାପ୍ତ ଇଞ୍ଜିନିର ତ୍ରିନାଥ ସାହୁ, ଦିଲ୍ଲୀପ ମାଝୀ, ମଣ୍ଡଳ ସଭାପତି ସୁଲଭ ଦେହୁରୀ, ମହେଶ୍ୱର ସାହୁ, ମିଟୁ ଦେହୁରୀ, ସୌମ୍ୟରଂଜନ ପ୍ରଧାନଙ୍କ ସହ ବହୁ ସଂଖ୍ୟକ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

## ଅଙ୍ଗନୱାଡୀ କର୍ମୀଙ୍କ ମନମାନୀ, କାର୍ଯ୍ୟାନୁଷ୍ଠାନ ଦାବି



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢାଇବା ନିମନ୍ତେ ଅଙ୍ଗନୱାଡୀ କେନ୍ଦ୍ର ଖୋଲାଯାଇଅଛି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନୱାଡୀ କର୍ମୀ ସଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତ ମେରୀପୁର ଅଙ୍ଗନୱାଡୀ କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡୀ କର୍ମୀ ଦିପ୍ତୀରେଖା ପାଣି ୧୧ଟା ୩୦ ପର୍ଯ୍ୟନ୍ତ କେନ୍ଦ୍ରରେ ନ ଥିଲେ । ଯାହାର ଫଟୋ ଦେଖିଲେ ଜଣାପଡିବ । ସେ ସରକାରଙ୍କ ନିୟମକୁ ଫୁ କରିଦେଇଛନ୍ତି । ସେହିପରି ପିଲାମାନଙ୍କ ପାଠପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ଗାରିମା ଏକ୍କାଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିୟମ ଅନୁଯାୟୀ ସକାଳ ୯ଟାରୁ ୧ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲା ରହିବ । ଆଜି ଦିପ୍ତୀରେଖା ପାଣି ଛୁଟି ନେଇ ନଥିବା କହିଥିଲେ । ଏନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ସେହିପରି ଏ ସଂପର୍କରେ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନୱାଡୀ କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି । ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ୧୪ରୁ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧିନ ଫତେଗଡ଼ ଗ୍ରାମସ୍ଥିତ ନାଲି ସାଗର ଷ୍ଟାଡିୟମରେ ଆସନ୍ତା ଡିସେମ୍ବର ୧୪ ତାରିଖରୁ ସର୍ବ ଭାରତୀୟସ୍ତରୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଫତେଗଡ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗତବର୍ଷର ଚମ୍ପିୟନ ଓ ରନର୍ସ ଅପ ଟିମ ସମେତ ୮ଟି ଟିମ ଅଂଶଗ୍ରହଣ ଗ୍ରହଣ କରିବେ ବୋଲି ଏ ପରିପ୍ରେକ୍ଷୀରେ ଷ୍ଟାଡିୟମ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି । ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ବୈଠକରେ ଯୋଗଦେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟର ରୁପରେଖ ସଂର୍ପକରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ମନୋଜ କୁମାର ପ୍ରଧାନ, ଓସିଏର ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ବସନ୍ତ କୁମାର ମାଝୀ, ରାଜ୍ୟ କ୍ରୀଡ଼ା ଜଗତର ଭାଷ୍ୟକାର ବୁବୁ ସିହ୍ନା ଏବଂ ସରୋଜ କୁମାର ମହାପାତ୍ର, ସ୍କୋରର ପବିତ୍ର କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟ ସଂର୍ପକରେ ସବିଶେଷ ଆଲୋଚନା ହୋଇଥିଲା । ଫତେଗଡ଼ ଯୁବକ ସଂଘର ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

## ଉଚ୍ଛେଦ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସୁଗୋ ପଞ୍ଚାୟତ ବାଣିଦା ଗାଁର ଯୋଡ଼ା ଗଡ଼ିଆ ପୋଖରୀକୁ ଅମୃତ ସରୋବର ଯୋଜନାରେ କାର୍ଯ୍ୟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ପୋଖରୀକୁ ଲାଗି ଗ୍ରାମ ଜଙ୍ଗଲ କିସମ ଜାଗାରେ ପୁରୁଷ ପୁରୁଷ ଧରି ଭୂମିହୀନ ଭାବେ ଆଦିବାସୀ, ହରିଜନ ଲୋକେ ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ସରୋବର କାର୍ଯ୍ୟ ଲାଗି ଦୋକାନୀମାନଙ୍କୁ ଉଚ୍ଛେଦ ପାଇଁ ପ୍ରସାଶନ ପକ୍ଷରୁ ନୋଟିସ୍ ଦିଆଯାଇଛି । ସରପଞ୍ଚ ଜୟନ୍ତୀ ପରିଡ଼ାଙ୍କ ସୂଚନା ଅନୁଯାୟୀ ସରକାରଙ୍କ ନିର୍ଦ୍ଦେଶାବଳି ଅନୁସାରେ ଏକ ଏକରରୁ ବେଶୀ ଥିବା ପୋଖରୀକୁ ମାନସ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିର୍ଦ୍ଦେଶନାମା ରହିଥିବାବେଳେ ଗାଁରେ ଥିବା ଭୂୟାଁ ପୋଖରୀ ଓ ବଉଳ ପୋଖରୀ ଯାହା ଏକ ଏକରୁ ବେଶୀ ହେବ । ସାଧାରଣ ଲୋକ ପ୍ରଭାବିତ ହେବା ସହିତ ଲୋକଙ୍କର ଧନ ଜୀବନହାନୀ ହେବାର ଆଶଙ୍କା ଦର୍ଶାଇଛନ୍ତି । ଏହି ପୋଖରୀକୁ ଅମୃତ ସରୋବର ପୋଖରୀ ଭାବେ କାର୍ଯ୍ୟକାରୀତାକୁ ନେଇ ସାଧାରଣରେ ଉଦ୍‌ବେଗ୍ ପ୍ରକାଶ ପାଇବା ସହିତ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖି ପୁନଃ ବିଚାର କରିବାକୁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଲିଖିତ ଦାବି କରିଛନ୍ତି । ସୁଗୋ ଆଦିବାସୀ ଅଧିକାର ମଞ୍ଚ ଓ ଭିଟାମାଟି ସୁରକ୍ଷା ମଞ୍ଚ ବାଣିଦା ଶାଖାର ନେତୃତ୍ୱରେ ପ୍ରତିନିଧିମାନେ ତହସିଲ୍‌ଦାର ସତ୍ୟଜିତ ମହାନ୍ତି ଓ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ମିଳିତ ମଞ୍ଚର ଆବାହକ ପଲଟୁ ଦାସ, ସରପଞ୍ଚ ଜୟନ୍ତୀ ପରିଡ଼ା, ବାମପନ୍ଥୀ ବରିଷ୍ଠ ନେତା ଦିଲ୍ଲୀପ ଗିରି, ରାଜ୍ୟ ଅଷ୍ଟା ସଭାପତି ଅଖୟ ମିଶ୍ର, ୱାର୍ଡ ସଭ୍ୟା ପ୍ରତିନିଧି ଓ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନରେ ସାମିଲ୍ ଥିଲେ । ପ୍ରକଳ୍ପର ସ୍ଥାନାନ୍ତର ଓ ପୁନର୍ବିଚାର ନହେଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ଥିବା ପଡିଆରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୧୩ ନଭେମ୍ବର ୨୦୨୫ ତାରିଖରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଆୟୋଜିତ ହୋଇଥିଲା । ଏହି ମେଳରେ ୨୩ଟି ଗ୍ରାମ ପଞ୍ଚାୟତରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରୁ ସମୁଦାୟ ୨ ଶହ ଜଣରୁ ଉର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ । ଡ଼.ସୌମ୍ୟରଞ୍ଜନ ଖୁଣ୍ଟିଆ ନିଆଳି ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱାଗତ ଅଭିଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ଛବି ମଲିକ୍ ବିଧାୟକ ନିଆଳି ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦଘାଟନ କରିଥିଲେ । ସମସ୍ତ ଯୋଜନାର ସଫଳ ରୂପାୟନ ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ମାଧ୍ୟମରେ କିଭଳି ଚାଷୀଙ୍କ ଆୟ ବହୁଗୁଣିତ ହେବା ସହ ସମୃଦ୍ଧି ଲାଭ କରିପାରିବେ ବୋଲି ସଚେତନ କରିଥିଲେ । ଏହି ମେଳରେ ସମ୍ମାନିତ ଅତିଥିଭାବରେ ଜ୍ୟୋତି ରଂଜନ ମହାନ୍ତି ସାଂସଦଙ୍କ ପ୍ରତିନଧି ନିଆଳି ବ୍ଲକ୍, ଗଣେଶ୍ୱର ମିଶ୍ର ଅଧ୍ୟକ୍ଷ ଆତ୍ମା ନିଆଳି ବ୍ଲକ୍, ବବିତା ମହନ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କଟକ, ଧର୍ମ ରଂଜନ ପଣ୍ଡା ମଣ୍ଡଳ ଉନ୍ନୟନ ଅଧିକାରୀ ନିଆଳି ବ୍ଲକ୍, ଡା. ଅଭିମନ୍ୟୁ ସାହୁ ପ୍ରାଣୀ ଉପଖଣ୍ଡ ପ୍ରାଣିଚିକିତ୍ସା ଅଧିକାରୀ କଟକ, ଡା. ସୁଶାନ୍ତ ନାୟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କଟକ, ସଂଯୁକ୍ତା ଘଡେଇ ସିଡିପିଓ ନିଆଳି ବ୍ଲକ୍, ମୁଖ୍ୟବକ୍ତା ଭାବେ ଡା. ସତ୍ୟବ୍ରତ ରାଉତ ଅତିରିକ୍ତ ନିର୍ଦ୍ଦେଶକ ପ୍ଲାନିଂ ଆଣ୍ଡ ଏଚ୍‌ଆରଡି ଏହି ମେଳାରେ ଯୋଗଦାନ କରିଥିଲେ । ୮ ଜଣ ଶ୍ରେଷ୍ଠ ପ୍ରାଣୀ ପାଳକ ମଧ୍ୟରୁ ୪ ଜଣ ମତ୍ସ୍ୟ ଚାଷୀ ଓ ୪ ଜଣ ପ୍ରାଣୀ ସମ୍ପଦ ବିଭାଗରୁ ସମ୍ବର୍ଦ୍ଧନା କରିବା ସହ ଏକ ହଜାର ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା । କସର୍ଦା ଗ୍ରାମପଞ୍ଚାୟତ ବଡ଼ିଆ ସାହି ଗ୍ରାମର ବିମ୍ବାଧର ବେହେରାଙ୍କୁ କାମଧେନୁ ଯୋଜନାରେ ଏକ ଲକ୍ଷ୍ୟ ୩୮ ହଜାର ୨ ଶହ ୮୦ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଯୋଜନାରେ ଅନ୍ୟ ଦୁଇ ଜଣଙ୍କୁ ଚେକ ପ୍ରଦାନ କରାଯାଇଥିଲା । ଏହି ମେଳାରେ ବ୍ଲକ୍ କଳା ସାଂସ୍କୃତିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ବିଭାଗର ୮ରୁ ଉର୍ଦ୍ଧ୍ୱ ଷ୍ଟଲ୍ ପଡିଥିଲା । ଶ୍ରେଷ୍ଠ ପ୍ରାଣୀ ଧନ ନିରୀକ୍ଷକ ଭାବେ ପହଙ୍ଗାର ପ୍ରଣବ କିଶୋର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ ସୁନୀଲ ମନୋହର ପରିଡା, ପ୍ରଭାସ ଚନ୍ଦ୍ର କର ଓ ନିଆଳି ବ୍ଲକ୍‌ର ସମସ୍ତ ପ୍ରାଣୀ ଧନ ନିରୀକ୍ଷକ, ଭିପିଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଶେଷରେ ଡ଼. ସୌମ୍ୟରଞ୍ଜନ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।


## ୧୭ରେ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାରେ ଏବେ ସ୍ମାର୍ଟ ମିଟରକୁ ନେଇ ବିରୋଧର ସ୍ୱର ଦେଖିବାକୁ ମିଳୁଛି । ଢେଙ୍କାନାଳରେ ସର୍ବଦଳୀୟ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ ବୈଠକରେ ଟିପିସିଓଡିଏଲ୍‌ର ସ୍ମାର୍ଟ ମିଟରକୁ ବିରୋଧ କରାଯିବା ସହ ଆସନ୍ତା ସୋମବାର ୧୭ ତାରିଖ ଦିନ୧୨ ଘଂଟିଆ ଢେଙ୍କାନାଳ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଛି । ଆଜି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତି ହୋଇଛି । ଜିଲ୍ଲା ଓକିଲ ସଂଘ ଆବାହକତ୍ୱରେ ଆଜି ଅପରାହ୍ନରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କଂଗ୍ରେସ, ଆପ୍, ବିଜେପି, ବିଜେଡି ଆଦି ବିଭିନ୍ନ ଦଳର ପ୍ରତିନିଧିମାନେ ଯୋଗଦେଇ ଟାଟା ପାୱାରର ମନମୁଖୀ କାର୍ଯ୍ୟ, ଜୋର୍, ଜୁଲମ୍‌କୁ ତୀବ୍ର ବିରୋଧ କରିବା ସହ ସ୍ମାର୍ଟ ମିଟରକୁ ଢେଙ୍କାନାଳରେ ଲଗାଇ ଦିଆଯିବ ନାହିଁ ବୋଲି ବୈଠକରେ ଉପସ୍ଥିତ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ ସଭ୍ୟମାନେ କହିଥିଲେ । ଏହି ବୈଠକରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଟାଟା ପାୱାରର ମନମୁଖୀ ଶାସନକୁ ଢେଙ୍କାନାଳର ସହରରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ତୀବ୍ର ବିରୋଧ କରିବା ସହ ସ୍ମାର୍ଟ ମିଟରକୁ କୌଣସି ଘରେ ଲଗାଇବାକୁ ସୁଯୋଗ ନଦେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ, ଆପ୍‌ର ରାଜ୍ୟ ଉପସଭାପତି ଭରତ କୁମାର ଦାସ, କଂଗ୍ରେସ୍ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ, ବିଜେପିର ସଂପାଦକ ସୁନିଲ୍ କୁମାର ଶର୍ମା, କାମାକ୍ଷାନଗର ଓକିଲ ସଂଘ ପୂର୍ବତନ ସଭାପତି ରଞ୍ଜନ କୁମାର ରାଉତ, ଜିଲ୍ଲା ଓକିଲ ସଂଘ ସଂପାଦକ ତାପସ କୁମାର କବିଶତପଥୀ ପ୍ରମୁଖ ମଂଚାସୀନ ହୋଇ ଟାଟା ପାୱାରର ମନମୁଖୀ କାର୍ଯ୍ୟ ସଂପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରକ୍ ଓନର୍ସ ଆସୋସିଏସନ୍‌ର ରୁଦ୍ରାନ୍ତ ଦଳେଇ, ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ର ପ୍ରସାଦ ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରତାପ ନାରାୟଣ ତ୍ରିପାଠୀ, ବରିଷ୍ଠ ଆଇନ୍‌ଜୀବୀ ଦୁର୍ଗାପ୍ରସାଦ ଶତପଥୀ, ଉପସଭାପତି ଟଙ୍କଧର ବେହେରା, ସୁବାଶିନୀ ମହାଖୁଡ, ପ୍ରମୁଖ ଆନ୍ଦୋଳନକୁ ତୀବ୍ର କରାଯିବା ପାଇଁ ମତ ଦେଇଥିଲେ ।ବୈଠକରେ ଦଳମତ ନିର୍ବିଶେଷରେ ଟିପିସିଓଡିଏଲର ଉପଭୋକ୍ତା ଶୋଷଣ ନୀତି ଓ ଅତ୍ୟାଚାରକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିପିସିଓଡିଏଲ୍ ?ର ମନମୁଖ୍ କାର୍ଯ୍ୟକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଟିପିସିଓଡିଏଲ ବିରୋଧୀ ଆନ୍ଦୋଳନକୁ ଫଳପ୍ରଦ କରିବା ପାଇଁ ଅନେକଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି । ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ଅନୁଯାୟୀ ଆସନ୍ତ ନଭେମ୍ବର ୧୭ ତାରିଖ ସୋମବାର ସକାଳ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଂଟିଆ ଢେଙ୍କାନାଳ ବନ୍ଦ ପାଳନ କରାଯିବ । କେବଳ ଅତ୍ୟାବଶ୍ୟକ ସେବା ଜାରି ରହିବ । ଜିଲ୍ଲାରେ ଟିପିସିଓଡିଏଲ ପକ୍ଷରୁ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ସହ ସଂଯୋଗ ହୋଇଥିବା ସ୍ମାର୍ଟ ମିଟର ପ୍ରତ୍ୟାହାର,ମନଇଚ୍ଛା ଜରିମାନା ବନ୍ଦ,ଭିତିଭୂମି ସଦୃଢ଼ କରିବା ଆଦି ଦାବି ରହିଛି । ଏହି ବନ୍ଦକୁ ଜିଲ୍ଲାବ ଜିଲ୍ଲାବାସୀ ଆକୁଣ୍ଠ ସମର୍ଥନ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ସକାଳ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚକ,ଅଖ ସବୁବନ୍ଦ । ଅତ୍ୟାବଶ୍ୟକ ସେବା ଜାରି ରହିବ । ଏହି ବୈଠକରେ ଛାତ୍ର ବିଜେଡି ସଭାପତି ସୁରଜ କୁମାର ମହାପାତ୍ର, ଆଇନ୍‌ଜୀବୀ କମଳିନୀ ସାହୁ, ସୁକାନ୍ତ କୁମାର ମିଶ୍ର ପ୍ରମୁଖଙ୍କ ସହିତ ବିଭିନ୍ନ ଲକ୍ଷ୍ମୀପୂଜା କମିଟିର ସଦସ୍ୟ, ବସ୍ ଆସୋସିଏସନ୍‌ର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ ଓ ସାମ୍ବାଦିକ ସମୁହ ଉପସ୍ଥିତ ଥିଲେ ।

### ବାଣିଜ୍ୟ

## ଡିଜିଟାଲ ପେମେଣ୍ଟରେ ବିଶ୍ୱରେ ଇତିହାସ ସୃଷ୍ଟି କଲା ସ୍ୱିଡେନ



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆଜିର ପରିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଅନ୍‌ଲାଇନ ପେମେଣ୍ଟ ଦ୍ରୁତଗତିରେ ଲୋକପ୍ରିୟ ହେଉଛି । ଅନେକ ଦେଶ ନଗଦହୀନ ପେମେଣ୍ଟକୁ ପ୍ରୋତ୍ସାହିତ କରୁଛନ୍ତି । ତଥାପି ଭାରତ ସମେତ ଅନେକ ଦେଶରେ ଅନେକ ଲୋକ ଏବେ ବି ନଗଦ କାରବାର କରିବାକୁ ପସନ୍ଦ କରନ୍ତି । ରିପୋର୍ଟ ଅନୁଯାୟୀ, ୟୁରୋପୀୟ ଦେଶ ସ୍ୱିଡେନ ୧୦୦% ନଗଦହୀନ କାରବାର ସହିତ ବିଶ୍ୱର ପ୍ରଥମ ଦେଶ ହୋଇଛି । ଏହାର ଅର୍ଥ ହେଉଛି ସ୍ୱିଡେନ ଏବେ ସମ୍ପୂର୍ଣ୍ଣ ନଗଦହୀନ । ସ୍ୱିଡେନରେ ଦୋକାନଗୁଡ଼ିକ ଏବେ ନଗଦ ଗ୍ରହଣୀୟ ନୁହେଁ ଲେଖାଥିବା ସାଇନ୍‌ବୋର୍ଡ ପ୍ରଦର୍ଶନ କରୁଛନ୍ତି ।


ଯୁବକ ଏବଂ ବୃଦ୍ଧ ଉଭୟ ସ୍ୱିଡେନର ଡିଜିଟାଲ କାରବାରରେ ବି ସାମିଲ ହୋଇଛନ୍ତି । ଏହା ବିଶ୍ୱାସ କରାଯାଏ ଯେ, ବୟସ୍କ ଲୋକମାନେ ନୂଆ ଟେକ୍ନୋଲୋଜି ପ୍ରତି ବିମୁଖ ଏବଂ ପେମେଣ୍ଟ ପାଇଁ ନଗଦକୁ ପସନ୍ଦ କରନ୍ତି । ସ୍ୱିଡେନ୍ ଏହି ଧାରଣାକୁ ବଦଳାଇ ଦେଇଛି । ଆଜି ସ୍ୱିଡେନର ବୟସ୍କ ଲୋକମାନେ ଅନ୍‌ଲାଇନ୍ ପେମେଣ୍ଟ କରିବା ପାଇଁ ପେମେଣ୍ଟ ଆପ୍ ବ୍ୟବହାର କରୁଛନ୍ତି ଏବଂ ଏହି ପ୍ରଯୁକ୍ତିବିଦ୍ୟା ସଫଳତାର ପ୍ରଶଂସକ ହୋଇଯାଇଛନ୍ତି ।

ସ୍ୱିଡେନ ବହୁ ପୂର୍ବରୁ ଏକ ସମ୍ପୂର୍ଣ୍ଣ ନଗଦହୀନ ଦେଶ ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା । ଏହି ପରିବର୍ତ୍ତନ ପଛରେ ମୋବାଇଲ ପେମେଣ୍ଟ ଆପ୍, ସ୍ୱିସ୍ ଏକ ପ୍ରମୁଖ ଶକ୍ତି ପାଲଟିଥିଲା । ୨୦୧୨ରେ ଆରମ୍ଭ ହୋଇଥିବା ଏହି ଆପ୍ ଦେଶର ପ୍ରମୁଖ ବ୍ୟାଙ୍କଗୁଡ଼ିକ ଦ୍ୱାରା ମିଳିତ ଭାବରେ ଲଞ୍ଚ କରାଯାଇଥିଲା । ଆଜି ଦେଶର ୭୫% ଜନସଂଖ୍ୟା ଏହି ଆପ୍ ବ୍ୟବହାର କରନ୍ତି ଯାହା ମୋଟ୍ ୮ ନିୟୁତରୁ ଅଧିକ ।

ସ୍ୱିଡେନ୍‌ରେ ନଗଦ କାରବାର ବର୍ତ୍ତମାନ ପ୍ରାୟତଃ ଅଦୃଶ୍ୟ ହୋଇଯାଇଛି । ୨୦୧୦ରେ ପ୍ରାୟ ୪୦ ପ୍ରତିଶତ କାରବାର ନଗଦରେ କରାଯାଉଥିଲା, କିନ୍ତୁ ୨୦୨୩ ସୁଦ୍ଧା ଏହି ସଂଖ୍ୟା ୧ ପ୍ରତିଶତରୁ କମ୍ ହୋଇଯାଇଥିଲା । ୨୦୨୫ ସୁଦ୍ଧା ଏହି ସଂଖ୍ୟା ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯିବ । ଏହାର ଅର୍ଥ ହେଉଛି ସ୍ୱିଡେନ ଏବେ ପ୍ରାୟ ସମ୍ପୂର୍ଣ୍ଣ ଡିଜିଟାଲ କାରବାର ସହିତ ଏକ ଦେଶ ପାଲଟିଛି ।

### ସିନେମାଫିନେମା ଟିଭିଫିବି

## କଙ୍ଗନାଙ୍କ ନାଁରେ ଚାଲିବ ଦେଶଦ୍ରୋହ ମାମଲା



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ହିମାଚଳ ପ୍ରଦେଶର ମଣ୍ଡିର ଭାଜପା ଏମ୍‌ପି ଏବଂ ପ୍ରସିଦ୍ଧ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଦ୍ୱାରା ଦାୟର ଏକ ସଂଶୋଧନ ଆବେଦନ ଆଗ୍ରା କୋର୍ଟରେ ଗ୍ରହଣ କରାଯାଇଛି । କଙ୍ଗନାଙ୍କ ବିରୋଧରେ ଚାଷୀମାନଙ୍କୁ ଅପମାନ ଏବଂ ଦେଶଦ୍ରୋହ ଅଭିଯୋଗ ଆଣି ଦାଖଲ କରାଯାଇଥିବା ସଂଶୋଧନ ଆବେଦନକୁ ଗ୍ରହଣ କରାଯାଇଛି । ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୯ରେ ଅନୁଷ୍ଠିତ ହେବ ।

ଆଗ୍ରାରେ ଓକିଲ ରାମଶଙ୍କର ଶର୍ମା ୧୧ ସେପ୍ଟେମ୍ବର ୨୦୨୪ରେ ଏମପି ବିଧାୟକ କୋର୍ଟରେ କଙ୍ଗନାଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ । ଏଥିରେ ସେ ଚାଷୀ ଏବଂ ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିଥିବା ଅଭିଯୋଗ କରିଥିଲେ । ମାମଲାର ଶୁଣାଣି ୯ ମାସ ପରେ, ସ୍ୱତନ୍ତ୍ର ଏମପି ବିଧାୟକ କୋର୍ଟ ଅସମ୍ପୂର୍ଣ୍ଣ ବ୍ୟାଖ୍ୟା ଯୋଗୁ ମାମଲାକୁ ଖାରଜ କରିଦେଇଥିଲେ ।

ଓକିଲ ରାମଶଙ୍କର ଶର୍ମା କହିଛନ୍ତି, ସେ ଏକ ସଂଶୋଧନ ଆବେଦନ ଦାୟର କରିଥିଲେ । ଆବେଦନର ଶୁଣାଣି ପରେ, ସ୍ୱତନ୍ତ୍ର ବିଚାରପତି ଏମପି ବିଧାୟକ ଲୋକେଶ କୁମାର ତାଙ୍କ ସଂଶୋଧନକୁ ଗ୍ରହଣ କରି ନିର୍ଦ୍ଦେଶ ଜାରି କରିଥିଲେ । ତଳ କୋର୍ଟ ମେ ୬, ୨୦୨୫ରେ ତାଙ୍କ ମାମଲାକୁ ଖାରଜ କରିଦେଇଥିଲେ । ନଭେମ୍ବର ୧୨ରେ ସଂଶୋଧନ ଆବେଦନକୁ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ ଶୁଣାଣି ନଭେମ୍ବର ୨୯ରେ ହେବ ।

ଆବେଦନ ଅନୁଯାୟୀ, ଏହି ମାମଲା ପ୍ରଥମେ ସେପ୍ଟେମ୍ବର ୧୧, ୨୦୨୪ରେ ସାମ୍ନାକୁ ଆସିଥିଲା । କଙ୍ଗନାଙ୍କ ବୟାନ ସାରା ଦେଶର ଚାଷୀ ଏବଂ ନାଗରିକଙ୍କ ଭାବନାକୁ ଆଘାତ ଦେଇଥିଲା । ସ୍ୱତନ୍ତ୍ର ବିଚାରପତି ଲୋକେଶ କୁମାର ଉଭୟ ପକ୍ଷର ଯୁକ୍ତି ଶୁଣି ସଂଶୋଧନ ଆବେଦନକୁ ଗ୍ରହଣ କରିଥିଲେ । ମାମଲାଟି ବର୍ତ୍ତମାନ ସ୍ୱତନ୍ତ୍ର ଏମ୍‌ପି-ବିଧାୟକ କୋର୍ଟକୁ ଯିବ, ଏବଂ ପରବର୍ତ୍ତୀ ଶୁଣାଣି ୨୯ ନଭେମ୍ବର, ୨୦୨୫ ରେ ସ୍ଥିର କରାଯାଇଛି । କାରଣ କୋର୍ଟ କହିଛନ୍ତି, ସେହି ଶୁଣାଣି ସମୟରେ କଙ୍ଗନାଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ପଡ଼ିପାରେ ।

ଏହା ଉଲ୍ଲେଖଯୋଗ୍ୟ ଯେ, ଛଅଥର ସମନ ଜାରି ସତ୍ତ୍ୱେ, କଙ୍ଗନା ଏପର୍ଯ୍ୟନ୍ତ କୋର୍ଟରେ ହାଜର ହୋଇନାହାଁନ୍ତି । ପୂର୍ବରୁ, ଚାଷୀ ପ୍ରତିବାଦ ଉପରେ ତାଙ୍କ ବୟାନକୁ ନେଇ ଚଣ୍ଡିଗଡ଼ ବିମାନବନ୍ଦରରେ ଜଣେ ସିଆଇଏସଏଫ କନଷ୍ଟେବଳ ତାଙ୍କୁ ଚାପୁଡ଼ା ମାରିଥିଲେ ।

# ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ପିଉଛନ୍ତି ଦୂଷିତ ପାଣି

**୧୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ଓ କର୍ମଚାରୀ ପିଉଛନ୍ତି ପ୍ରଦୂଷଣ ପାଣି । ଟାଙ୍କିରେ ଶିଉଳି ଭର୍ତ୍ତି, ମାଡିଗଲାଣି ଗଛଲତା, ଅନୁଦାନ ଅର୍ଥ ନ ଥିବାରୁ ଜଳ ପରିମଳ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଦୋଷ ଲଦା ଲଦି ହେଉଥିବା ବେଳେ ବିଧାୟକଙ୍କ ସ୍ଥିତି ପରଖିବା ଏକ ବର୍ଷ ପୁରିଲା । ଯାହା ପୂର୍ବ ଅବସ୍ଥା, ବର୍ତ୍ତମାନ ବି ସେହି ଅବସ୍ଥା । ସୂଚନା ମୁତାବକ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରାତନ ପାଣି ଟାଙ୍କି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ । ୧୫ ବର୍ଷ ତଳେ ନିର୍ମାଣ ହୋଇଥିବା






ଏହି ସବୁ ଉଚ୍ଚ ଟାଙ୍କିକୁ ଅଦ୍ୟାବଧି ସିମେଣ୍ଟ ସିଢ଼ିଟିଏ ନିର୍ମାଣ ହୋଇପାରିଲା ନାହିଁ । ଯାହା ଫଳରେ ପାଣି ଟାଙ୍କିରୁ ଶିଉଳି ଓ ଅନ୍ୟାନ୍ୟ ଆବର୍ଜନା ସଫା କରିବା ତ ଦୂରର କଥା ଏହି ଟାଙ୍କିର ଚତୁପାର୍ଶ୍ୱରେ ଗଛ ଉଠିଲାଣି । ଏହି ଟାଙ୍କିରୁ ଆସୁଥିବା ପାଣିକୁ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ଓ କର୍ମଚାରୀ ବ୍ୟବହାର କରୁଛନ୍ତି । ସବୁଠାରୁ ବଡ଼ ସମସ୍ୟା ଦେଖାଦେଇଛି, ଯେଉଁ ଜାଗାରେ ସ୍ୱାସ୍ଥ୍ୟକେନ୍ଦ୍ରର ପାଣି ଟାଙ୍କି କୁ ପାଣି ନିଆଯାଉଛି ତାର ମୂଳରେ ଦୂଷିତ ପାଣି ଠୁଳ ହୋଇ ରହୁଛି । ଏହି ପାଣି ଟାଙ୍କିକୁ ଯାଇ ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀମାନେ ବ୍ୟବହାର କରୁଛନ୍ତି । ଏଠି ଅସ୍ୱାସ୍ଥ୍ୟକର ପରିବେଶରେ ଏହି ଦୂଷିତ ପାଣି ବ୍ୟବହାର କୁ ନେଇ ଏବେ ପ୍ରଶ୍ନ ଉଠିଛି । ଆଜିକୁ ଠିକ ଏକ ବର୍ଷ ତଳେ ନିଆଳି ବିଧାୟକ ଛବି ମଲିକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ କମିଟି ବୈଠକ କୁ ଆସିଥିବା ବେଳେ ପାଣି ଟାଙ୍କିକୁ ବାଉଁଶ ସିଢ଼ି ଲାଗିଥିବା ଦେଖି ବିରକ୍ତ ପ୍ରକାଶ କରିଥିଲେ । କାହିଁକି ଆଦ୍ୟବଧି ସ୍ଥାୟୀ ସିଢ଼ି ନିର୍ମାଣ ହୋଇନାହିଁ ଓ କିଭଳି ଏହାର ସଫେଇ ହଉଚି ବୋଲି ପ୍ରଶ୍ନ କରଥିଲେ । ଘଟଣା ସ୍ଥଳରେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ଏସ ନବୀନ ଓ ଜଳ ପରିମଳ ବିଭାଗ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମଲିକ ଉପସ୍ଥିତ ରହିଥିଲେ । ହେଲେ ବିଧାୟକଙ୍କ ସ୍ଥିତି ପରଖିବା ବର୍ଷେ ପୁରିଥିଲେ ବି ସିଢି କରିବା ତ ଦୂରର କଥା ବର୍ଷ କ ଭିତରେ ପାଣି ଟାଙ୍କି ଉପରେ ଥିବା ଗଛ ସଫା ହୋଇପାରିଲା ନାହିଁ । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସଫା କରିବା ଓ ସିଢି ନିର୍ମାଣ ପାଇଁ ବିଭାଗ ପାଖରେ ଟଙ୍କାଟିଏ ନାହିଁ । ଏମିତିକି ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଣି ଟାଙ୍କି ସଫା କରିବାକୁ କୌଣସି ଅର୍ଥ ରାଶି ଆସେ ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଭଲ ହେବାକୁ ଆସୁଛନ୍ତି ନା ରୋଗ କିଣିବାକୁ ଆସୁଛନ୍ତି । ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ<br>୧୪.୧୧.୨୦୨୫ | ଶୁକ୍ରବାର– ଦଶମୀ<br>ନକ୍ଷତ୍ର– ପୂର୍ବାଫାଃ, ସିଂହଚନ୍ଦ୍ର |
|---|---|



| | | |
|---|---|---|
| ମେଷ | : | ବାଧାବିଘ୍ନ ଦେଇ ଦିନଟି କଟିବ । |
| ବୃଷ | : | ସାଙ୍ଗସାଥୀରେ ମନାନ୍ତର ହୋଇପାରେ । |
| ମିଥୁନ | : | ଦ୍ରବ୍ୟ ଲାଭ ଯୋଗ ରହିଛି । |
| କର୍କଟ | : | ଅପମାନିତ ହୋଇପାରନ୍ତି । |
| ସିଂହ | : | ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| କନ୍ୟା | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ତୁଳା | : | ସମ୍ମାନ ବୃଦ୍ଧି ପାଇବ । |
| ବିଛା | : | ଭଲ ଖବର ପ୍ରାପ୍ତ ହେବେ । |
| ଧନୁ | : | ପିଲାଙ୍କ ଚିନ୍ତାରେ ଚିନ୍ତିତ ହେବେ । |
| ମକର | : | ଚୋରି ଭୟ ରହିଛି । |
| କୁମ୍ଭ | : | ଆର୍ଥିକ ଉନ୍ନତି ହେବେ । |
| ମୀନ | : | ଭଲ କାମ କରି ପ୍ରଶଂସିତ ହେବେ । |

# ଇଛାପୁର ବଜାର ଗ୍ରାମ୍ୟ ରାସ୍ତା ଶୋଚନୀୟ

**ମାହାଙ୍ଗା, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁ ମାନଙ୍କରେ ଜନସାଧାରଣମାନଙ୍କ ଯାତାୟାତ ନିମନ୍ତେ କଂକ୍ରିଟ ରାସ୍ତାମାନ ନିର୍ମାଣ କରିଥିଲେ ମଧ କେତେକ ରାସ୍ତା ଅବସ୍ଥା ଏବେ ବେହାଲ ହେବା ସହ ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଜପୁର। ପଞ୍ଚାୟତ ଇଛାପୁର ପ୍ରାଥମିକ ବିଦ୍ୟାଳୟ ଠାରୁ ଇଛାପୁର ବଜାର ଗ୍ରାମ୍ୟ ରାସ୍ତାରେ । ବିଶେଷ କରି ଏହି ରାସ୍ତାଟି ଜୟପୁର–ବଡଚଣା ମୁଖ୍ୟରାସ୍ତାକୁ ସଂଯୋଗ କରୁଅଛି । ଏବେ ଏହି ରାସ୍ତାର ଅନେକ ସ୍ଥାନରେ ଖାଲଖମା ହେବା ସହ ବର୍ଷା ଦିନେ ପାଣି ଜମୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଅନେକ



ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟିଥାଏ । ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଯାତାୟତରେ ନାନା ସମସ୍ୟା ଦେଖାଦେଇଛି । ଏହି ରାସ୍ତା ଦେଇ ପ୍ରତ୍ୟହ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, ମହାବିଦ୍ୟାଳୟ, କୁମୁଡାଜୟପୁର ଫାଣ୍ଡି, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ବ୍ଲକ, ତହସିଲ, ଛତିଆ ଓ ବଡଚଣା ଆଦି ସ୍ଥାନକୁ ଯାତାୟତ କରିଥାନ୍ତି । ସେହପିରି ଏହି ରାସ୍ତାଟି ମୁଖ୍ୟରାସ୍ତାର ୫ ଫୁଟରୁ ତଳକୁ ରହିଅଛି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି ।

## ୨୦ରୁ ଖରିଫ ଧାନ କିଣା

**ବରଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦ ତାରିଖରୁ ବରଗଡ ଜିଲ୍ଲାରୁ ଖରିଫ୍ ଧାନ କିଣା ଆରମ୍ଭ ହେବ । ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି । ଦୁଇ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ପାଇଁ ନିଷ୍ପତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟବବରାଦ ହୋଇଛି । ୯ ହଜାର ୭୯୭୩ଟି ସମବାୟ ସମିତି ଆରଏମ୍‌ସିରେ ୫୧୬ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହେବ । ଏ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି ।

# ଗାଁକୁ ରାସ୍ତା ନଥିବାରୁ ଖଟିଆରେ ବୁହାହେଲେ ଗର୍ଭବତୀ

**କନ୍ଧମାଳ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଜନନୀ ଯନ୍ତ୍ରଣା ଥମିବାରେ ନା ଧରୁନି । ରାସ୍ତା ନ ଥିବାରୁ କେଉଁଠି ଦୋଳାରେ ଗର୍ଭବତୀଙ୍କୁ ବୁହା ହେଉଛି ତ କେଉଁଠି ଖଟିଆରେ ବୋହି ମେଡ଼ିକାଲ ନେଉଥିବାବେଳେ ଅଧା ବାଟରେ ମା'ଛୁଆ ଜନ୍ମ କରୁଛି ତ କେଉଁଠି ମୃତ ଛୁଆ ମଧ ଜନ୍ମ ହେବା ଭଳି ଦେଖିବାକୁ ମିଳୁଛି । ଗତକାଲି ଖଟିଆରେ ବୋହି ଗର୍ଭବତି ମହିଳାଙ୍କୁ ମେଡ଼ିକାଲ ଆଣିଥିବାବେଳେ ପୁଣି ଆଜି ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଡଙ୍ଗି ମେଣ୍ଡି ଗାଁରେ ରାସ୍ତା ନ ଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି ।

ସୂଚନା ଅନୁସାରେ, ଡଙ୍ଗିମେଣ୍ଡି ଗାଁର ପରୀକ୍ଷିତ କହଁରଙ୍କ ସ୍ତ୍ରୀ କମଳିନୀ(୨୦)ର ପ୍ରସବ ଯନ୍ତ୍ରଣା



ହେବାରୁ ଗୋଛାପଡ଼ା ମେଡ଼ିକାଲ ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରି ନ ଥିଲା । ବଣ ଓ ଜଙ୍ଗଲ ପାହାଡ଼ ପର୍ବତ ଘେରା ଭିତରେ ଗାଁ ଅଛି । ସେ ଗାଁରେ ୪ଟି ଗାଁ ଅଛି ମୋଟ୍ ୮୦ରୁ ଊର୍ଦ୍ଧ୍ୱ ଘର ଅଛି । ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ବି ଅଛି । ବାଧ ହୋଇ ପରିବାର ଲୋକେ ଡଙ୍ଗି ମେଣ୍ଡିଠାରୁ ଅଢେଇ କିଲୋମିଟର ଦୂର ବାଘ ନଦୀ ନିକଟକୁ ଖଟିଆରେ ବୋହି ଆଣି ବାଘ ନଦୀ ପାର କରିବା ପରେ ବହୁ ଦୂର ପର୍ଯ୍ୟନ୍ତ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଖଟିଆରେ ବୋହି ନେଇଥିଲେ ।

ଆମ୍ବୁଲାନ୍ସରେ ଗୋଛାପଡ଼ା ମେଡ଼ିକାଲ ନେବା ପରେ କମଳିନୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ମା' ଛୁଆ ଦୁହେଁ ସୁସ୍ଥ ଥିବା ଜଣାପଡ଼ିଛ । ତେବେ ଡଙ୍ଗି ମେଣ୍ଡି ଯିବା ବାଟରେ ବାଘ ନଦୀରେ ଦୀର୍ଘ ବର୍ଷ ଧରି ଏକ ପୋଲ ନିର୍ମାଣ ହେଉଥିବାବେଳେ ଠିକାଦାର କାମ କରିବାରେ ବିଳମ୍ବ କରୁଥିବାବେଳେ ଅଞ୍ଚଳବାସୀ ରାସ୍ତା ନ ଥିବାରୁ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ଦିନ ଆସିଲେ ସମୂହ ଗ୍ରାମବାସୀ ଯାତାୟତ ସମସ୍ୟା ଭୋଗୁଥିବାବେଳେ ଯୋଗାଯୋଗ ମଧ ବିଛିନ୍ନ ହେଉଥିବା ଦେଖିବାକୁ ମିଳୁଛି । ତୁରନ୍ତ ଡଙ୍ଗି ମେଣ୍ଡି ଏବଂ ଅଞ୍ଚଳର ପୋଲ କାମ ସମ୍ପୂର୍ଣ୍ଣ କରିବା ସହ ରାସ୍ତା ନେଇ କନିଷ୍ଠ ଯନ୍ତ୍ରୀ ସୁଶିଲ କୁମାର ମହାନ୍ତିକୁ ପଚାରିବାରୁ ଆଉ କିଛି ଦିନ ପରେ କାମ ହେବ । ବର୍ଷା ଦିନ କାମ ବନ୍ଦ ଥିଲା । ଆଉ କିଛି ବାକି ଅଛି ପିଲର, ଖୁବଶୀଘ୍ର କାମ ସାରି ଦେବୁ ।

## ହାଟରେ ଅଳିଆ ପକାଇବା କୁଣ୍ଡ ନିର୍ମାଣ କେବେ?

**ନିଶ୍ଚିନ୍ତକୋଇଲି, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ହାଟରେ ଅଳିଆ ପକାଇବା କୁଣ୍ଡ ନିର୍ମାଣ ହୋଇନାହିଁ ଫଳରେ ହାଟର ଅଳିଆ ଆବର୍ଜନା ଗୁଡ଼ିକ ବିକ୍ଷିପ୍ତ ଭାବରେ ଏଣେତେଣେ ପଡ଼ି ରହୁଛି । ଯିଏ ଯେଉଁଠି ଚାହୁଁଚି ଅଳିଆ ଆବର୍ଜନା ପକାଇଛି ଏହାଦ୍ୱାରା ହାଟ ପରିବେଶ ପ୍ରଚୁର ମାତ୍ରାରେ ଦୂଷିତ ହେଉଛି । ସ୍ୱଚ୍ଛ ଭାରତ ବିଷୟ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ହାଟର ପରିବେଶ ସମ୍ପର୍କରେ ଭାବିଲେ ମନରେ ଭୀଷଣ ଦୁଃଖ ଆସେ । ହାଟ ପାଖରୁ ବ୍ଲକ୍ ପ୍ରଶାସନକୁ ପହଞ୍ଚିବାକୁ ହେଲେ ଦୁଇ ତିନି ମିନିଟର ବାଟ । ପ୍ରଶାସନର ଆଖି ଆଗରେ ଏହି ସମସ୍ୟାଟି ସମାଧାନ ହୋଇ ନପାରିବା ନେଇ ହଜାର ହଜାର ଲୋକେ ବ୍ୟଥିତ ହେଉଛନ୍ତି ଏ ଘଟଣା ସମସ୍ତଙ୍କୁ ଚକିତ କରିଛି । ବ୍ଲକ୍ ପ୍ରଶାସନର ଏପରି ଅଣଦେଖା ମନୋବୃତ୍ତି ନେଇ ଜନ ଅସନ୍ତୋଷ ଦାନା ବାନ୍ଧୁଛି । କଟକ ଉପଜିଲ୍ଲାପାଳ ଏହି ପ୍ରସଙ୍ଗଟିକୁ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବକ ନିଶ୍ଚିନ୍ତକୋଇଲି ହାଟ ପରିସରରେ ଅଳିଆ ପକାଇବା କୁଣ୍ଡ ନିର୍ମାଣ କରିବାକୁ ସାଧାରଣ ଲୋକଙ୍କ ମହଲରୁ ଦାବି ହେଉଛି ।

# କେବେ ସରିବ ଜିଲ୍ଲାପାଳଙ୍କ ଅଫିସର ସୌନ୍ଦର୍ଯ୍ୟକରଣ କାମ ?

**ଭଦ୍ରକ, ୧୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁନ୍ଦର ପରିବେଶ ତିଆରି କରିବା ପାଇଁ କାମ ଚାଲିଛି । ଦୀର୍ଘ ଦିନ ହେଲା ଏହି କାମ ଚାଲିଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଅନେକ ସାମଗ୍ରୀ ପଡ଼ି ରହିଛି । ଯେଉଁଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଅସୁନ୍ଦର ଦେଖାଯାଉଛି । ଭଦ୍ରକରେ ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ତିଆରି ହେବାବେଳେ ଏହାର ବିଲଡ଼ିଂ ପ୍ଲିନ୍ଥ ବହୁ ତଳିଆ ଭାବରେ କରାଯାଇଥିବାରୁ ଅଧିକ ବର୍ଷା କିମ୍ବା ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବୁଡିଯିବାର ବହୁ ସମ୍ଭାବନା ରହିଛି । ତେଣୁ ଆଗକୁ କିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୁରକ୍ଷିତ ରହିବା ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇ ଜିଲ୍ଲାପାଳଙ୍କ ଅଫିସ ପରିସରରୁ କିଭଳି ବର୍ଷା ଜଳ ନିଷ୍କାସନ କରାଯିବ ସେ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ ଓ ଏହି ଅଫିସ ପରିସରରେ ଫେବର ପ୍ଲେଟ ପକାଇବା କାର୍ଯ୍ୟ ଚାଲିଛି ।

ପଡ଼ିଆରୁ ମାଟି ଖୋଲା ଯାଇ ନୂତନ ମାଟି ଓ ବାଲି ଫିଲିଂ କରାଯିବା ସହ ତା' ଉପରେ ଫେବର୍ ପ୍ଲେଟ ପକାଯାଉଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ସୁନ୍ଦର କରିବା ପାଇଁ ସବୁ କାମ ଚାଲିଛି । ତାହା ଶେଷ ହୋଇପାରୁ ନାହିଁ । ତେବେ ଏହା କେବେ ଶେଷ ହେବ ତାହା କେହି କହିପାରୁନାହାନ୍ତି । ଜିଲ୍ଲାପାଳ ମଧ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ବାରମ୍ବାର କହିଛନ୍ତି । ତଥାପି ପୂର୍ତ୍ତ ବିଭାଗ ନିଜର ମନମାନିରେ କାମ କରୁଛି । କାରଣ କାମ ଯେତେଦିନ ଲମ୍ବିବ ବିଭାଗର ବିଲ ସେତେ ଅଧିକ ହେବ ।

କାମ କରୁଥିବା ଯନ୍ତ୍ରୀ ଆଉ ଠିକାଦାରଙ୍କ ବିଲ କରି ସେତେ ଅଧିକ ଲାଭ ଖାଇବେ । ଭଦ୍ରକ ଜିଲ୍ଲାପାଳଙ୍କ ଅଫିସ କାମ କରିବାରେ ଯଦି ଏତେ ବିଳମ୍ବ ହେଉଛି, ଜିଲ୍ଲାର ଅନ୍ୟ ସବୁ ଉନ୍ନୟନମୂଳକ କାମ କେତେ ବିଳମ୍ବ ହେଉଥିବା ତାହା ସ୍ପଷ୍ଟ ଅନୁମାନ କରାଯାଇପାରୁଛି । ଅନ୍ୟପଟେ ଜିଲ୍ଲାରେ ପୂର୍ତ୍ତ ବିଭାଗ ଆରଡି ଓ ଭଦ୍ରକ ରାସ୍ତା ତାଡି ଦେଇ ନଷ୍ଟ କରି ଦେଇଥିବାବେଳେ କାମ ତ୍ୱରାନ୍ୱିତ କରାଯାଇ ପାରୁ ନାହିଁ । ସେହିପରି ଏହି ବିଭାଗର ଭଦ୍ରକ ବରପଦା ଆଗରପଡା ରାସ୍ତା କାମ ନିମ୍ନମାନର ହେଉଛି । ଭଦ୍ରକ ପୂର୍ତ୍ତ ବିଭାଗର ଦୁର୍ନୀତିମୂଳକ କାମ ପାଇଁ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି ।

# କେନାଲ ପାଣି ପଶି ପାଚିଲା ଧାନ ଗଜା : ଚିନ୍ତାରେ ଚାଷୀ

**ଗଞ୍ଜାମ, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ତିନୋଟି ପଞ୍ଚାୟତର ୮ଟି ଗ୍ରାମର ଚାଷୀମାନଙ୍କ ଜମିରେ ହୀରାଧାର ବାଟି କେନାଲ ପାଣି ବର୍ତ୍ତମାନ ଛଡା ଯିବା ଫଳରେ ପାଚିଲା ଧାନ ଏବେ ଜମିରେ ଗଜା ପାଲଟିଛି । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି । ଧାନ ଅମଳ କରି ଚାଷୀ ଘରକୁ ଆଣିବା ସମୟରେ ତାହା ନଷ୍ଟ ହେବାକୁ ଯାଉଛି । ଯାହାକି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିବା ସଦୃଶ୍ୟ ହୋଇଛି । ଏହି ସମସ୍ୟା ଏବେ ଚାଷୀଙ୍କ କ୍ଷେତ୍ରରେ ଦେଖାଦେଇଛି । ଅନ୍ୟ ପଟେ ଏନେଇ କୃଷି ଅଧିକାରୀ ସମସ୍ୟା ସମାଧାନ କରିବା ଦୂରର କଥା କୃଷି କ୍ଷେତ୍ରକୁ ଦେଖିବାକୁ ମଧ୍ୟ ଯାଉନାହାନ୍ତି । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି । ସେହିପରି କେନାଲରେ ପାଣି ଛାଡୁଥିବା ରଷିକୂଲ୍ୟା ଜଳ ସେଚନ ଉପ ବିଭାଗ ହୁମାର କନିଷ୍ଠ ଯନ୍ତ୍ରୀ ଏନେଇ ଯୋଗାଯୋଗ ବେଳେ ସେ କହିଛନ୍ତି ୧୫ ତାରିଖ ପର୍ଯ୍ୟନ୍ତ ପାଣି ଛଡ଼ାଯିବ ନେଇ ଷ୍ଟାଣ୍ଡିଙ୍ଗ ଆଦେଶ ରହିଛି ବୋଲି କହିଥିଲେ । ତାପରେ ବନ୍ଦ କରାଯିବ ବୋଲି କହିଥିଲେ । ସୂଚନା ଯୋଗ୍ୟ ଯେ ଅକ୍ଟୋବର ମାସରେ ବାତ୍ୟା



ମୋନ୍ଥାର ପ୍ରଭାବରେ ବର୍ଷା, ପବନ ଯୋଗୁଁ କିଛି ମାତ୍ର ରେ ନଷ୍ଟ ହୋଇଥିଲା । ବଳକା ସେଥିରୁ କିଛି ପାଇବା ପାଇଁ ଚାଷୀ ଆଶା ବାନ୍ଧି ଥିବା ବେଳେ ବର୍ତ୍ତମାନ କେନାଲରେ ପାଣି ଛଡା ଯିବା ଫଳରେ ତାହା ଏବେ ଚାଷୀଙ୍କ ସମସ୍ୟାକୁ ଦିଗୁଣିତ କରିଦେଇଛି । ପାଳିବନ୍ଧ, ହୁମା, ଓ ରାମଗଡ଼ ପଞ୍ଚାୟତ ବିଭିନ୍ନ ଗ୍ରାମ ଯଥା ହୁମା ଗ୍ରାମ, ଖଟୁଆକୁଦା, କଣ୍ଟିଆଗଡ଼, ପୋଡାଗଡ଼, ଝାଟିପଦର, ବରପଲ୍ଲୀ, ରଘୁନାଥପୁର, ନୀଳାଦ୍ରିପୁର ଗ୍ରାମର ଚାଷୀ ବର୍ତ୍ତମାନ ଘୋର ଅସୁବିଧାରେ ରହିଛନ୍ତି । ଧାନ ଫସଲ କାଟି ଘରକୁ ଆଣିବା ସମୟରେ ବର୍ତ୍ତମାନ ହୀରାଧାର ବାଟି କେନାଲରେ ପାଣି ଆସୁଥିବା ଯୋଗୁଁ ପାଣି ପଶି ପାଚିଲା ଧାନ ବିଲରେ ଗଜା ହୋଇଯାଇଛି । ଫଳରେ ଚାଷୀ ମାନେ ବ୍ୟାପକ କ୍ଷତି ହୋଇଛି ।

ଏବେ ଶହ ଶହ ହେକ୍ଟର ଚାଷ ଜମିରବ ପାଣି ଜମି ରହିଥିବା ବେଳେ ଚିନ୍ତା ଘାରିଛି ଚାଷୀଙ୍କୁ । କ'ଣ କରିବେ ଚାଷୀ ତାହା ଏବେ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ପ୍ରଶାସନ ଦୃଷ୍ଟି ଦେଇ ଚାଷୀ ଆବଶ୍ୟକ କ୍ଷତି ପୂରଣ ଦେବାକୁ ଦାବି ହେଉଛି ।

# ଶ୍ରୀସେତୁ ଜଳଭଣ୍ଡାର ନିକଟରୁ ନାବାଳକ ମୃତଦେହ ଉଦ୍ଧାର

**ପୁରୀ, ୧୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ସହରରେ ଦିନକୁ ଦିନ ବିଶୃଙ୍ଖଳା ସ୍ଥିତ ପାଲଟିଛି । ଶ୍ରୀସେତୁ ନିକଟ ଜଳଭଣ୍ଡାରଠାରେ ଘଟିଛି ହତ୍ୟାକାଣ୍ଡ । ନାବାଳକକୁ ହତ୍ୟା କରି ଦୁର୍ବୃତ୍ତ ପାଣିରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ମୃତ ନାବାଳକ ଟାଉନ ଥାନା ଅଞ୍ଚଳର ସୂର୍ଯ୍ୟ ସାହୁ ବୋଲି ଜଣାପଡ଼ିଛି ।

ମଙ୍ଗଳବାର ଜଳଖିଆ ଆଣିବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ ସୂର୍ଯ୍ୟ । ପରିବାର ଲୋକେ ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଶ୍ରୀସେତୁ ଜଳଭଣ୍ଡାରରେ ସୂର୍ଯ୍ୟଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି । ଘଟଣାର ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛି ପୋଲିସ । କିଏ ଏବଂ କାହିଁକି ନାବାଳକକୁ ଏଭଳି ନିର୍ମମଭାବେ ହତ୍ୟା କରିଛି ସେନେଇ ଖୋଳତାଡ ଆରମ୍ଭ କରୁଛି ପୋଲିସ । ଏହାସହ ମୃତକଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଛି ପୋଲିସ । କାହା ସହ କୌଣସି କାରଣକୁ ନେଇ ଶତ୍ରୁତା ଥିଲା କି, ଯେଉଁଥି ପାଇଁ କେହି ରାଗ ରଖି ଏଭଳି କାଣ୍ଡ କରିଥିବା ସନ୍ଦେହ କରାଯାଉଛି ।

## କୂଅରୁ ହାତୀ ଶାବକ ଉଦ୍ଧାର

**କଣ୍ଟାବାଞ୍ଜି, ୧୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପରିତ୍ୟକ୍ତ କୂଅରୁ ଉଦ୍ଧାର ହେଲା ହାତୀ ଶାବକ । ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ବିଜାମାଲ ଗାଁ ନିକଟ ଏକ ପରିତ୍ୟକ୍ତ କୂଅରେ ହାତୀ ଛୁଆଟି ଖସି ପଡ଼ିଥିଲା । ସ୍ଥାନୀୟ ଲୋକେ ଏହା ଦେଖି ବନବିଭାଗକୁ ଖବର ଦେଇଥିଲେ । ମୁରିବାହାଲ ଦମକଳ ବାହିନୀ ପହଞ୍ଚି ଶାବକକୁ କୂଅରୁ ଉଦ୍ଧାର କରିଛନ୍ତି । ସେପଟେ ହାତୀଟିକୁ ଉଦ୍ଧାର କରିବା ସମୟରେ ଗୁଡ଼ିଘାଟ କେନ୍ଦୁଲିପ ଫରେଷ୍ଟର ପ୍ରଦୀପ ନାଥଙ୍କୁ ହାତୀ ଶାବକଟି ଆକ୍ରମଣ କରିଛି । ଗୁରୁତର ଅବସ୍ଥାରେ ଫରେଷ୍ଟରଙ୍କୁ କଣ୍ଟାବାଞ୍ଜି ମେଡିକାଲରେ ଭର୍ତ୍ତି କରାଯାଇଛି ।

## ବାଜବାଟୀ କଳା ପଥର ଖାଦାନ ଉପରେ ଏନଜିଟିରେ ମାମଲା ରୁଜୁ

**ଧର୍ମଶାଳା, ୧୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମଶାଳା ତହସିଲ ଅଧିନସ୍ଥ ବାଜବାଟୀ କଳାପଥର ଖାଦାନର କ୍ୱାରୀ ନମ୍ବର ୨ ଓ ୬ ଯୋଗୁ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷଣ ସହିତ ଲିଜଧାରୀ ଲିଜ ପରିମାଣ ଠାରୁ ଅଧିକ ଖନନ ନେଇ ସ୍ଥାନୀୟ ଅଞ୍ଚଳର ଉର୍ବଶୀ ଜେନା ନାମକ ଜଣେ ମହିଳା (ଜାତୀୟ ସବୁଜ ପ୍ରାଧିକରଣ) ଏନଜିଟିର ଦ୍ୱାରସ୍ଥ ହୋଇଥିଲେ । ଏହି କ୍ରମରେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଏକ ଟିମ୍ ବୁଧବାର ପୂର୍ବାହ୍ନରେ ବାଜବାଟୀ ଠାରେ ପହଞ୍ଚି ଥିଲା । ଶରତ ଚନ୍ଦ୍ର ବେହେରାଙ୍କ ନାମରେ ଥିବା ୨ ନମ୍ବର କ୍ୱାରୀ ପରିଦର୍ଶନ କରିଥିଲେ । ଏହା ପରେ ସମୀର ରଞ୍ଜନ ନାୟକ ୬ ନମ୍ବର କ୍ୱାରୀ ପରିଦର୍ଶନ କରିଥିଲେ । ମାତ୍ର ଅଭିଯୋଗକାରୀଙ୍କ ଠାରୁ ଅନୁମତି ପତ୍ର ଆଣିଥିବା ରଞ୍ଜିତ ଜେନାଙ୍କ ଅନୁପସ୍ଥିତି ଯୋଗୁ ତଦନ୍ତ ନକରି ଏହି ଟିମ୍ ଅଧାରୁ ଫେରିଯାଇଥିଲେ । ଏହି ଟିମ୍‌ରେ ଯାଜପୁର ଡିଡିଏମ ଜୟ ପ୍ରକାଶ ନାୟକ, କଳିଙ୍ଗନଗର ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ସିଆର ଅଧିକାରୀ ପ୍ରଦୀପ ନାୟକ, ତହସିଲଦାର ସମୀର ରଞ୍ଜନ ଦାସ ପ୍ରମୁଖ ତଦନ୍ତ କରିଥିଲେ । ଦୁଇ ଲିଜଧାରୀ ଉପସ୍ଥିତ ଥିଲେ ।

ଏହି ଦୁଇଟି ଖଣିରୁ ପାଖାପାଖି ଅଢେଇ କୋଟି ରାଜସ୍ୱ ସରକାର ପାଉଛନ୍ତି । ବାଜବାଟୀ ଠାରେ ମୋଟ ୬ ଗୋଟି କଳାପଥର କ୍ୱାରୀ ରହିଛି । ପୂର୍ବରୁ କଳାପଥର କ୍ୱାରୀ ୩ ଓ ୫ ନମ୍ବର ଉପରେ ଏନଜିଟିରେ ମାମଲା ପରେ ଏହି ଅଧିକାରୀମାନେ ଗତ ୬ ମାସ ତଳେ ତଦନ୍ତ କରି ଫେରିଥିଲେ । ଏହି ଦୁଇଟି ଏଆଇପିଏଲ ନାମରେ ଏହି ୪ଟି ଉପରେ ଏନଜିଟିରେ ମାମଲା ହୋଇଛି । ଅଭିଯୋଗକାରୀ ଓ ଅଧିକାରୀମାନେ ଆଜିର ତଦନ୍ତ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ।

### ଧାର୍ଯ୍ୟ ସମୟ ସରିବାକୁ ଆଉ ୩ମାସ ବାକି

# ପୁଣି ଅଟକିଗଲା ପଡାଲଗୁଡା-ଦୁଲୁଘାଟି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ

**ନବରଙ୍ଗପୁର, ୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲାର ତିନି ବ୍ଲକର ୧୨ଟି ପଞ୍ଚାୟତ ସହ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ପଡାଲଗୁଡାଠାରୁ ଦୁଲୁଘାଟି ରାସ୍ତା ପୁନରୁଦ୍ଧାର ଓ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଛି । ଏହି ରାସ୍ତାଟି ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକର ୧୨ଟି ପଞ୍ଚାୟତର ଶତାଧିକ ଗାଁକୁ ସଂଯୋଗ କରୁଥିବା ପ୍ରମୁଖ ଲାଇଫ୍ ଲାଇନ୍ ରାସ୍ତା । ଧାର୍ଯ୍ୟସମୟ ସରିବାକୁ ଆଉ ୩ମାସ ସମୟ ଥିବା ବେଳେ କାମ ସରିବା ନାଁ ନେଉନଥିବାରୁ ଚିନ୍ତାରେ ପଡ଼ିଛନ୍ତି ଠିକାଦାର ଓ ଏହି ୧୨ଟି ପଞ୍ଚାୟତବାସୀ । ସମ୍ବାଦରେ ରିପୋର୍ଟ ପ୍ରକାଶ ପାଇବା ପରେ କାମ ଆରମ୍ଭ ହୋଇଥିଲା । ତେବେ ଏହି ରାସ୍ତା କାମ ପାଇଁ ଏବେ ବାଧକ ସାଜିଛି ପାଣିପାଇପ ।

ପୂର୍ତ୍ତବିଭାଗ ଅଧିନରେ ଥିବା ଏହି ରାସ୍ତାଟି ପଡାଲଗୁଡା ଠାରୁ ଦୁଲୁଘାଟି ଭାୟା ବାଘସିଉନୀ, ଗୁମିଦୋରା, ଜାମଗୁଡା, ବାମୁନିକୋଟ, ଅମଳାଭଟା , ପାତ୍ରପୁଟ ଯାଏଁ ୨୬ କିଲୋମିଟର । ୩୨ କୋଟି ୨୨ ଲକ୍ଷ ୨୬ ହଜାର ୪୭୦ ଟଙ୍କାରେ ଏହି ରାସ୍ତା ନିର୍ମାଣ ପାଇଁ ଠିକାଦାରଙ୍କ ସହ ଚୁକ୍ତି କରାଯାଇଛି । ୨୦୧୪ ମସିହା ଜାନୁଆରୀ ୩୦ ତାରିଖରେ ଏହି ଚୁକ୍ତିନାମା କରାଯାଇଥିବା ବେଳେ ଜାନୁଆରୀ ୨୯ ତାରିଖ ୨୦୨୬ ମସିହାରେ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୨ ମିଟର ଓସାରର ରାସ୍ତା ଏବଂ ଅଧ ମିଟର ଲେଖାଏଁ ଉଭୟ ପାର୍ଶ୍ୱ ନାଳ ସହ



ଛୋଟ ବଡ କଲଭର୍ଟ କାମ କରାଯିବ । ଗ୍ରାମ୍ୟ ଜଳ ଯୋଗାଣ ଓ ମେଗା ଜଳଯୋଗାଣ ପ୍ରକଳ୍ପ ପକ୍ଷରୁ ରାସ୍ତାକୁ କିମ୍ବା ରାସ୍ତା ପାର୍ଶ୍ୱକୁ ଖୋଳି ପାଇପଲାଇନ୍ ନିଆଯାଇଛି । ଏବେ ରାସ୍ତା ପ୍ରଶସ୍ତିକରଣ ବେଳେ ଏସବୁ ବାଧା ଉପୁଜିଥିବା ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.କ୍ଷୀରଧର କନ୍ଧପାଣି କହିଛନ୍ତି । ଅପରପକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଅବଗତ କରାଯାଇଛି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦୂରଦୃଷ୍ଟି ରଖି ସ୍ଥାୟୀ ଭାବେ ପାଇପଲାଇନ୍ ଯିବା ରାସ୍ତା ନ କରି ସବୁ ରାସ୍ତା ପାର୍ଶ୍ୱରେ ଖୋଳି ଆମକୁ ହଇରାଣ କରିବା ସହ ପାଇପଲାଇନ୍ ଘୁଚାଁଇବାକୁ କ୍ଷତିପୂରଣ ମାଗୁଛି ବୋଲି କହିଛନ୍ତି ଅଧିକ୍ଷଣ ଯନ୍ତ୍ରୀଛ ପାଇପଲାଇନ୍ ଘୁଞ୍ଚାଇବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିକଟରେ ଅନୁଦାନ ନଥିବାରୁ ଏହାକୁ ଘୁଞ୍ଚାଇବା କଷ୍ଟ ହେଉଛି ବୋଲି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିବା ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି ।

ସେହିପରି ପାଇପ ଘୁଚାଁଇବା ପାଇଁ ରାସ୍ତା ନିର୍ମାଣ କାମରେ ଅନୁଦାନ ନଥିବାରୁ ପୂର୍ତ୍ତବିଭାଗ କଣ କରିବ ଚିନ୍ତାରେ ପଡିଛି । ଅପରପକ୍ଷରେ ଗତ କିଛି ଦିନ ହେବ ଅଧାପନ୍ତରିଆ ଭାବେ କାମ ରହିବା ପରେ ୧୨ ପଞ୍ଚାୟତବାସୀ ଯିବା ଆସିବାରେ ହଇରାଣ ହେଉଛନ୍ତି । ସେହିପରି ଠିକାଦାର ଜଣକ ବି କାମ ଅଧାରେ ରହିଥିବାରୁ କିଭଳି ସାରିବେ ଚିନ୍ତାରେ ପଡିଛନ୍ତି । ବାରମ୍ବାର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ଓ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା ବୋଲି ଅଭିଯୋଗ କରିଛନ୍ତି ବାଘସିଉନି ସରପଞ୍ଚ କୃଷ୍ଣ ଭତରା । ତେବେ ସମ୍ବାଦରେ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ କାମ ଆରମ୍ଭ ହୋଇଥିଲା । ତେବେ ପୁଣି କାମ ବନ୍ଦ ହେବା ଆମ ଅଞ୍ଚଳବାସୀଙ୍କ ପୁଣି ହଇରାଣ ହେବେଛ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ସରପଞ୍ଚ ଓ ଅଞ୍ଚ ବାସୀ ଦାବି କରିଛନ୍ତି ।

ଏଇ କିଛିଦିନ ଭିତରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହେବା କାରଣରୁ ସେସବୁ ପରୀକ୍ଷାକୁ ବାତିଲ କରାଯାଇଛି । ନିକଟରେ ହାଇକୋର୍ଟରେ ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପଦ ପୂରଣ ପାଇଁ ୨୦୨୫ ଜୁଲାଇ ୧୩ ତାରିଖରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରିଦିଆଯାଇଛି । ୨୦୨୫ ଡିସେମ୍ବର ୭ରେ ସାନି ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ଓଏସ୍‌ଓ ପଦ ପାଇଁ ଅନୁଷ୍ଠିତ ପ୍ରିଲିମନାରୀ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ୭୧୧୩ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଡିସେମ୍ବର ୭ରେ ନୂଆ କରି ମୁଖ୍ୟ ଲିଖିତ ପରୀକ୍ଷା ହେବ । ଏ ନେଇ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୪ ନଭେମ୍ବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍

## ପରୀକ୍ଷାରେ ଅସ୍ୱଚ୍ଛତା ହତାଶା ସୃଷ୍ଟି କରୁଛି

ଆମ ରାଜ୍ୟରେ ବିଭିନ୍ନ ସମୟରେ ପରୀକ୍ଷାର ଅସ୍ୱଚ୍ଛତାକୁ ନେଇ ପ୍ରକାଶ ପାଉଥିବା ଖବର ପରୀକ୍ଷାର୍ଥୀଙ୍କ ମନରେ ହତାଶାଭାବ ସୃଷ୍ଟି କରୁଛି । ପରୀକ୍ଷା ପୂର୍ବରୁ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ବଜାରରେ ବିକ୍ରି ହେଉଥିବା ଖବର ମଧ୍ୟ ଅତୀତରେ ପ୍ରକାଶ ପାଇଛି । ଅନେକ ସମୟରେ ମେଧାବୀ ଛାତ୍ରଛାତ୍ରୀମାନେ ମଧ୍ୟ ହାରିଯାଉଛନ୍ତି ଏଇ କାରଣରୁ । ଯୋଗ୍ୟ–ଅଯୋଗ୍ୟଙ୍କ ଭିତରେ ଆଉ ଫରକ ରହୁନି । ଏଭଳି ଏକ ଦିନ ଆସିବ ହୁଏତ ଦେଖାଯିବ କେବଳ ଅଯୋଗ୍ୟ ବ୍ୟକ୍ତି ହିଁ ଭଲ ଭଲ ପଦବୀରେ ଥିବେ, ଏହା ପରୋକ୍ଷରେ ବିକାଶର ମଧ୍ୟ ବାଧକ ହେବ । ଦେଶ ଗଠନରେ ଶ୍ରମଜୀବୀଙ୍କର ଭୂମିକା ଯେତିକି ରହିଛି ବୁଦ୍ଧିଜୀବୀଙ୍କ ଭୂମିକା ମଧ୍ୟ ଠିକ୍ ସେତିକି । ତେଣୁ ଅଧିକ ଧୀ–ସମ୍ପନ୍ନ ପ୍ରାର୍ଥୀମାନେ ଯଦି ନାକଚ ହୋଇଯିବେ ଏବଂ କଳେବଳେ କୌଶଳେ ଗଳାବାଟରେ ଅଯୋଗ୍ୟ ପ୍ରାର୍ଥୀମାନେ ବାଜି ମାରିନେବେ ତା'ହେଲେ ଆଗାମୀ ଦିନରେ ଅବସ୍ଥା କ'ଣ ହେବ ଚିନ୍ତା କରନ୍ତୁ !

ଯେକୌଣସି ପରୀକ୍ଷା ହେଉ ବା ଚୟନ ପ୍ରକ୍ରିୟା– ଏଥିରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ନରହିଲେ ଏହା ଯୋଗ୍ୟ ପ୍ରାର୍ଥୀ ଏବଂ ବ୍ୟକ୍ତିଙ୍କ ପାଇଁ ଯେ ଏକ ବଡ଼ ଅନ୍ୟାୟ, ଏକଥାକୁ ଅସ୍ୱୀକାର କରିହେବନାହିଁ ।

ଯେଉଁ ଛାତ୍ରଛାତ୍ରୀମାନେ କଠୋର ପରିଶ୍ରମ କରି ପ୍ରବେଶିକା ପରୀକ୍ଷା ପାଇଁ ଅପେକ୍ଷା କରିଥାନ୍ତି ସେମାନେ ଯେତେବେଳେ ଜାଣନ୍ତି ଏ ପରୀକ୍ଷାରେ ସ୍ୱଚ୍ଛତାର ଅଭାବ ରହିଛି ସେମାନଙ୍କ ମନୋବଳ ନିଶ୍ଚେ ଭାଙ୍ଗିଯିବ । ସେମାନଙ୍କ ମନରେ ଏକ ହତାଶା ଭାବ ସୃଷ୍ଟି ହେବ । ସେମାନେ ନିଶ୍ଚେ ଭାବିବେ– ଏତେ ପରିଶ୍ରମ କରି ଲାଭ କ'ଣ? ଗଳାବାଟରେ ତ ଅନ୍ୟମାନେ ଯାଇ ସଫଳତାର ଶୀର୍ଷରେ ପହଞ୍ଚିଯାଇପାରିବେ ।

ଆମ ରାଜ୍ୟରେ ପରୀକ୍ଷାରେ ସ୍ୱଚ୍ଛତା ଏବଂ ସାଧୁତାର ଅଭାବ ପାଇଁ ଅନେକ ପରୀକ୍ଷା ବାତିଲ ମଧ୍ୟ ହୋଇଛି ଅତୀତରେ । ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିଛି ପ୍ରାର୍ଥୀମାନଙ୍କୁ । ଏଭଳି ହେଲେ ପରୀକ୍ଷା ପ୍ରସ୍ତୁତି ପ୍ରତି ପିଲାଙ୍କର ଆଗ୍ରହ ଯେ କମିଯିବ ଏକଥା ନକହିବା ଭଲ ।

ପରୀକ୍ଷା ପାଇଁ ଏକ ପୂର୍ବ ପ୍ରସ୍ତୁତି କରିବାକୁ ପଡ଼ିଥାଏ ପରୀକ୍ଷାର୍ଥୀମାନଙ୍କୁ । ପରୀକ୍ଷା ବାତିଲ ହୋଇଗଲେ ସେ ପ୍ରସ୍ତୁତିର ମୂଲ୍ୟ ରହେନି । ପୁଣି ଥରେ ପ୍ରସ୍ତୁତି ଆରମ୍ଭ କରିବାର ମାନସିକତା କମିଆସେ । ପ୍ରଥମ ପ୍ରସ୍ତୁତି ଯେଉଁଭଳି ହୋଇଥିଲା ପରବର୍ତ୍ତୀ ପ୍ରସ୍ତୁତି ଯେ ଠିକ୍ ସେଇଭଳି ହେବ ଏହାର କିଛି ମାନେନାହିଁ । ପରୀକ୍ଷା ବାତିଲ ପିଲାଙ୍କ ମନରେ ଚାପ ସୃଷ୍ଟି କରିଥାଏ । ତା'ଛଡ଼ା ବୟସ ମଧ୍ୟ ବଢ଼ିଯାଏ । ବୟସ ବଢ଼ିଯିବା ଫଳରେ ପରୀକ୍ଷା ପ୍ରତି ଆଗ୍ରହ କମିଆସେ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ଏଇ କିଛିଦିନ ଭିତରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହେବା କାରଣରୁ ସେସବୁ ପରୀକ୍ଷାକୁ ବାତିଲ କରାଯାଇଛି । ନିକଟରେ ହାଇକୋର୍ଟରେ ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପଦ ପୂରଣ ପାଇଁ ୨୦୨୫ ଜୁଲାଇ ୧୩ ତାରିଖରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରିଦିଆଯାଇଛି । ୨୦୨୫ ଡିସେମ୍ବର ୭ରେ ସାନି ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ଓଏସ୍‌ଓ ପଦ ପାଇଁ ଅନୁଷ୍ଠିତ ପ୍ରିଲିମନାରୀ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ୭୧୧୩ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଡିସେମ୍ବର ୭ରେ ନୂଆ କରି ମୁଖ୍ୟ ଲିଖିତ ପରୀକ୍ଷା ହେବ । ଏ ନେଇ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ବାତିଲ ହୋଇଥିବା ପରୀକ୍ଷା ପାଇଁ ନିୟୋଜିତ ଏଜେନ୍ସୀ ଦ୍ୱାରା ପରିଚାଳନା କରାଯାଇଥିବା ମୁଖ୍ୟ ଲିଖିତ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଗୁରୁତର ସନ୍ଦେହ ପ୍ରକାଶ ପାଇଛି । ପରୀକ୍ଷା ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଜୁଲାଇ ୧୩ରେ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ବାତିଲ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଆମ ରାଜ୍ୟରେ ପ୍ରଶ୍ନ ଲିକ୍, ଚୟନ ଏବଂ ମୂଲ୍ୟାୟନରେ ସ୍ୱଚ୍ଛତାର ଅଭାବକୁ ନେଇ ସବୁବେଳେ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀଙ୍କ ମନରେ ଏକ ଆଶଙ୍କା ରହିଥାଏ । ତେଣୁ ଏହା ପରୋକ୍ଷରେ ସେମାନଙ୍କୁ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ । ଶିକ୍ଷାରେ ନିରପେକ୍ଷତା ନରହିଲେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଏହା ଏକ ଅନ୍ୟାୟ ନିଶ୍ଚିତ ଭାବରେ । ଏଭଳି ଧାରା ଜାରି ରହିଲେ ପରୀକ୍ଷା ଉପରୁ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀମାନଙ୍କର ଆସ୍ଥା ନିଶ୍ଚିତ ଭାବରେ ତୁଟିଯିବ ।

## ସ୍ୱାଧୀନୋତ୍ତର ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ



ଜିଜ୍ଞାସା

ନିରଞ୍ଜନ ଶତପଥୀ

ଭାରତ ସ୍ୱାଧୀନତା ଲାଭ କରିବା ପରେ ପଣ୍ଡିତ ଜବାହରଲାଲ ନେହରୁ ହେଲେ ପ୍ରଥମ ପ୍ରଧାନମନ୍ତ୍ରୀ। ସେ ଥିଲେ ନବଭାରତର ଜଣେ ସୁଦକ୍ଷ ବିନ୍ଧାଣୀ । ଦୀର୍ଘ ଦୁଇଶତ ବର୍ଷର ସ୍ୱେଚ୍ଛାଚାରୀ ବ୍ରିଟିଶ ଶାସନର ଅବସାନ ପରେ ଭାରତର ଶାସନ ଡୋର ଭାରତୀୟମାନଙ୍କ ହାତକୁ ଆସିବା ପରେ ନବଭାରତର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟମାନେ ଗଭୀର ଆନନ୍ଦ ଅନୁଭବ କରିଥିଲେ । ଏହି ନିର୍ମାଣ କାର୍ଯ୍ୟର ନିର୍ମାତା ଥିଲେ ପଣ୍ଡିତ ଜବାହରଲାଲ ନେହରୁ ।

ପଣ୍ଡିତ ଜବାହରଲାଲ ନେହରୁ ଜାତିର ଜନକ ମହାତ୍ମା ଗାନ୍ଧିଙ୍କର ଥିଲେ ଜଣେ ରାଜନୈତିକ ଉତ୍ତରାଧିକାରୀ । ଗାନ୍ଧିଜୀ ଓ ପଣ୍ଡିତ ଜବାହରଲାଲ ନେହରୁଙ୍କ ମଧ୍ୟରେ ନୀତି ଓ ଆଦର୍ଶଗତ ପାର୍ଥକ୍ୟ ଥିବାର ଜଣାଯାଏ । ଗାନ୍ଧିଜୀ ସଦାବେଳେ ସ୍ୱଦେଶୀ କଥା କହିଥାନ୍ତି । ବିଦେଶୀ ଦ୍ରବ୍ୟ ବର୍ଜନ ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ ଥିଲା ଗାନ୍ଧିଜୀଙ୍କର ଆହ୍ୱାନ। ପଣ୍ଡିତ ଜବାହରଲାଲ ନେହରୁ ଗାନ୍ଧିଜୀଙ୍କର ଏହି ଆହ୍ୱାନକୁ ଦୃଢ଼ ସମର୍ଥନ କରିଥିଲେ। ଭାରତବର୍ଷ ହେଉଛି ସମଗ୍ର ବିଶ୍ୱରେ ଏକ ବିଶାଳ ଦେଶ। ଏହି ଦେଶର ସଭ୍ୟତା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ହେଉଛି ଅତି ମହାନ ଓ ବହୁ ପୁରାତନ। ଭାରତର ଆତ୍ମସମ୍ମାନ ବଜାୟ ରଖିବା ସହିତ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଏତଦ୍ ବ୍ୟତୀତ ରାଜନୀତି କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏ ସମ୍ପର୍କରେ ସ୍ୱପ୍ନ ଓ ସଂକଳ୍ପ ପୁସ୍ତକରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଲେଖିଛନ୍ତି 'ରାଜନୀତି କ୍ଷେତ୍ରରେ ପଣ୍ଡିତ ଜବାହରଲାଲ ନେହରୁଙ୍କ ଦାନ ଅତୁଳନୀୟ। ସ୍ୱାଧୀନତା ପରେ ଆମ ଦେଶ ପାଇଁ ଏ ସ୍ୱତନ୍ତ୍ର ସମ୍ବିଧାନର ଆବଶ୍ୟକତା ପଡ଼ିଲା ଏବଂ ସମ୍ବିଧାନ ପ୍ରଣୟନ କରାଗଲା। ଡକ୍ଟର ଆମ୍ବେଦକର ଏ ସମ୍ବିଧାନକୁ ଭାଷା ଦେଲେ ସତ କିନ୍ତୁ ଏହାର ପ୍ରଧାନ ନିର୍ମାତା ହେଉଛନ୍ତି ପଣ୍ଡିତ ଜବାହରଲାଲ ନେହରୁ। ଗାନ୍ଧିଜୀ ଯେଉଁ ନୀତି ଓ ଆଦର୍ଶ ପାଇଁ ସଂଗ୍ରାମ କରୁଥିଲେ ସେହି ନୀତି ଓ ଆଦର୍ଶକୁ ପଣ୍ଡିତ ନେହରୁ ଏହି ସମ୍ବିଦାନରେ ରୂପାୟିତ କରିଛନ୍ତି ।'

ପଣ୍ଡିତ ଜବାହରଲାଲ ନେହରୁ ଭାରତ କାହିଁକି ସମଗ୍ର ବିଶ୍ୱରେ ସୁପରିଚିତ ଥିଲେ। ତାଙ୍କର ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟ, ଲୋକବତ୍ସଳତା ଆଦି ମହାନଗୁଡ଼ିକ ତାଙ୍କୁ ମହାନ କରିଥିଲା । ସେ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ତାଙ୍କର ଜୀବନ ଥିଲା ଏକ ଉତ୍ସର୍ଗୀକୃତ ଜୀବନ। ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ପରେ ପଣ୍ଡିତ ନେହରୁ ଥିଲେ ଦ୍ୱିତୀୟ ସ୍ଥାନରେ । ସେ ଥିଲେ ଜାତୀୟ କଂଗ୍ରେସର ଅଗ୍ରସାରଥୀ। ସ୍ୱାଧୀନତା ପୂର୍ବରୁ ସେ ଏହି ଜାତୀୟ କଂଗ୍ରେସର ସଭାପତି ଥିଲେ । ଆମ ଦେଶ ପାଇଁ ସେ ଏକାଧିକବାର କାରାବରଣ କରିଥିଲେ। କାରାବାସ ସମୟରେ ତାଙ୍କର ଏକମାତ୍ର ଅଲିଅଳ କନ୍ୟା ସ୍ୱର୍ଗତା ଇନ୍ଦିରା ଗାନ୍ଧିଙ୍କ ନିକଟକୁ ଏକାଧିକ ପତ୍ର ପ୍ରେରଣ କରିଥିଲେ। ଯାହା ଅତ୍ୟନ୍ତ ଉପାଦେୟ ଓ ଶିକ୍ଷଣୀୟ।

ଦେଶ ସ୍ୱାଧୀନତା ଲାଭ କରିବାରେ ତାଙ୍କ ପ୍ରମୁଖ ଭୂମିକା ଥିଲା । ତାଙ୍କର ନୀତି, ଆଦର୍ଶ ଓ ତ୍ୟାଗ ଥିଲା ମହାନ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନତା ଲାଭ କରିଥିଲା। ସେହି ଶୁଭ ମୁହୂର୍ତ୍ତରେ ପଣ୍ଡିତ ଜବାହରଲାଲ ନେହରୁ ଭାରତର ସମ୍ବିଧାନ ସଭାରେ ଯୋଗଦାନ କରି କହିଥିଲେ "Long years ago we made a tryst with destiny and now the time comes when we shall redeem our pledge, not wholly or in full measure, but very substiantially. At the stroke of the midnight hour when the world sleeps, India will awake to life and freedom. A moment comes, which comes but rately in history, when we step out from the old to the new, when and age ends, and when the soul of nation, long suppressed finds atterance."

ପଣ୍ଡିତ ନେହରୁଙ୍କ ବ୍ୟକ୍ତିତ୍ୱ ଥିଲା ଅସାଧାରଣ ଓ ଅନନ୍ୟ । ସେ ଥିଲେ ଜଣେ ବୈଜ୍ଞାନିକ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି । ବିଜ୍ଞାନର ପ୍ରୟୋଗ ଫଳରେ ଦେଶ ସମୃଦ୍ଧିଶାଳୀ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ। ଏ କ୍ଷେତ୍ରରେ ଅନେକ ପ୍ରଖ୍ୟାତ ବୈଜ୍ଞାନିକ ତାଙ୍କୁ ସାହାଯ୍ୟ କରୁଥିଲେ । ଏଥିପାଇଁ ସେ ଆଣବିକ ଶକ୍ତି ସଂସ୍ଥା ଓ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ସ୍ଥାପନ କରିଥିଲେ। ଏହାଛଡ଼ା ସେ ମାନବ ସମ୍ବଳ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟ କରିଥିଲେ । ଏ ସମ୍ପର୍କରେ ଅମୀୟ ଭୂଷଣ ତ୍ରିପାଠୀ ଆଧୁନିକ ଭାରତର ନିର୍ମାତା ଶୀର୍ଷକ ଏକ ଆଲେଖ୍ୟରେ ଲେଖିଥିଲେ ଉନ୍ନତ ମାନ ଓ ବିଶ୍ୱସ୍ତରୀୟ ମାନବ ସମ୍ବଳ ବିକାଶ ପାଇଁ ସେ ଆରମ୍ଭ କଲେ ୪ଟି ଆଇଆଇଟି, କଲିକତା, କାନପୁର, ଦିଲ୍ଲୀ ଓ ମୁମ୍ବାଇଠାରେ । ସ୍ୱାସ୍ଥ୍ୟକ୍ଷେତ୍ରରେ ଆରମ୍ଭ ହେଲା ଏମ୍ସ ଦିଲ୍ଲୀ ଓ ପିଜିଆଇ ଚଣ୍ଡିଗଡ଼ ଓ ଜିପମ୍‌ର ପଣ୍ଡିଚେରୀ। ମ୍ୟାନେଜମେଣ୍ଟରେ ଉଚ୍ଚଶିକ୍ଷା ପାଇଁ ଆରମ୍ଭ ହେଲା ଆଇଆଇଏମ୍ କଲିକତା ଓ ଅହମ୍ମଦାବାଦ। ରକେଟ ବିଜ୍ଞାନ ପାଇଁ ଆରମ୍ଭ ହେଲା ଥୁମ୍ବା ଗବେଷଣାଗାର। ଆଣବିକ ଗବେଷଣା ଲାଗି ଆରମ୍ଭ ହେଲା ଟ୍ରମ୍ବେରେ 'ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର', ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସ ପରି ଆରମ୍ଭ ହେଲା ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସ। ଏସବୁ ଅନୁଷ୍ଠାନରୁ ବାହାରି ଅନେକ ପ୍ରବାସୀ ଭାରତୀୟ ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି ।

ଭାରତବର୍ଷ ଏକ ପୁରାତନ ପ୍ରସିଦ୍ଧ ଦେଶ ଭାବରେ ସମଗ୍ର ବିଶ୍ୱରେ ସୁପରିଚିତ ହୋଇଆସୁଅଛି। ଏହି ଦେଶରେ ଅତୀତରେ ମହାନ ସାଧୁସନ୍ଥ ଓ ମହାପୁରୁଷମାନେ ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ଜନ୍ମଗ୍ରହଣ କରି ନିଜର ତ୍ୟାଗ ଓ ନିଷ୍ଠାବଳରେ ଏହି ପବିତ୍ର ଭାରତମାତାର ମୁଖ ଉଜ୍ଜ୍ୱଳ କରିଛନ୍ତି । ଠିକ୍ ସେହିପରି ଜାତିର ଜନକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହରଲାଲ ନେହରୁ ମହାନ ବ୍ୟକ୍ତି ଦ୍ୱୟ ଏହି ପବିତ୍ର ମାଟିରେ ଜନ୍ମ ଗ୍ରହଣ କରି ସୁଖ୍ୟାତି ଅର୍ଜନ କରିଯାଇଛନ୍ତି । ଯାହାକି ଦେଶ ସେମାନଙ୍କୁ କେବେ ଭୁଲିପାରିବ ନାହିଁ । ସେମାନେ ମରି ମଧ୍ୟ ଅମର ହୋଇ ରହିଛନ୍ତି । ଭାରତ ଭଳି ଏକ ଅନୁନ୍ନତ ଦେଶକୁ ଏକ ସମୃଦ୍ଧିଶାଳୀ ଦେଶ ଭାବରେ ପରିଣତ କରିବାକୁ ସମର୍ଥ ହୋଇପାରିଥିଲେ। ସେ ଶାସନର ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣି ଦେଶକୁ ପ୍ରଗତିପଥରେ ଆଗେଇ ନେଇଥିଲେ । ଆର୍.ଏଲ୍ ଷ୍ଟିଭେନସନ କହିଥିଲେ He is not a man, He is procession of man. ଅର୍ଥାତ୍ ସେ ଜଣେ ବ୍ୟକ୍ତିବିଶେଷ ନଥିଲେ, ସେ ବହୁ ବ୍ୟକ୍ତିଙ୍କର ସମାହାର ଥିଲେ ।

ବିଗତ ୧୯୧୪ ମସିହାରୁ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୮ ମସିହାରେ ସମାପ୍ତ ହୋଇଥିଲା । ଏହି ସମୟରେ ଭାରତ ଇଂଲଣ୍ଡକୁ ବିଭିନ୍ନ ସାହାଯ୍ୟ କରୁଥିଲା । ସେହି ସମୟରେ ଇଂରେଜ ସରକାର ଭାରତୀୟମାନଙ୍କ ଉପରେ କରଭାର ବୃଦ୍ଧି କରିଥିଲେ । ସେହି ସମୟରେ ଭାରତୀୟମାନେ ବହୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ସହ୍ୟ କରି ଇଂଲଣ୍ଡକୁ ସାହାଯ୍ୟ କରୁଥିଲେ । ସେହି ଦୃଷ୍ଟିରୁ ଇଂରେଜମାନେ ଭାରତୀୟମାନଙ୍କୁ ଶାସନ ଅଧିକାର ଦେବା ଉଚିତ୍ ବୋଲି ଆମ ଦେଶର ତୁଙ୍ଗ ନେତାମାନେ ଅନୁଭବ କରୁଥିଲେ । ୧୯୧୬ ମସିହାରେ ଆନିବେସାନ୍ତ ଓ ବାଳ ଗଙ୍ଗାଧର ତିଳକଙ୍କ ଉଦ୍ୟମରେ ହୋମରୁଲ ଲିଗ୍ ନାମକ ଏକ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହି ସଂଗଠନରେ ଜବାହରଲାଲ ନେହରୁ ଯୋଗ ଦେଇ ଆନ୍ଦୋଳନକୁ ତୀବ୍ର କରିଥିଲେ । ୧୯୧୭ ମସିହାରେ ଇଂରେଜ ସରକାର ବିଚଳିତ ହୋଇ ଆନିବେସାନ୍ତଙ୍କୁ ବନ୍ଦୀ କରିଥିଲେ । ଜବାହାରଲାଲ ନେହରୁ ଥିଲେ ଉକ୍ତ ସଂଗଠନର ଯୁଗ୍ମ ସମ୍ପାଦକ।

ମହାତ୍ମା ଗାନ୍ଧିଙ୍କ ସହିତ ପଣ୍ଡିତ ଜବାହରଲାଲ ନେହରୁଙ୍କର ସାକ୍ଷାତ ହୋଇଥିଲା ୧୯୧୬ ମସିହାରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଏକ ସାଧାରଣ ଅଧିବେଶନରେ । ସେଠାରେ ସେ ଗାନ୍ଧିଜୀଙ୍କ କାର୍ଯ୍ୟକଳାପ ଲକ୍ଷ୍ୟକରି ଗାନ୍ଧିଜୀଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ । ସେହିଦିନଠାରୁ ଜବାହରଲାଲଙ୍କର ଦେଶ ପ୍ରେମ ବୃଦ୍ଧି ପାଇବାରେ ଲାଗିଲା । ଅନେକ କ୍ଷେତ୍ରରେ ଗାନ୍ଧିଜୀଙ୍କ ସହିତ ତାଙ୍କର ମତପାର୍ଥକ୍ୟ ଘଟୁଥିଲେ ମଧ୍ୟ ପରସ୍ପରକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ସୂତ୍ରରେ ଆବଦ୍ଧ ଥିଲେ। ଜବାହରଲାଲ ନେହରୁ ୧୯୩୬ ମସିହାରେ ଭାରତର ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ଜବାହରଲାଲ ନେହରୁ ଗୋରଖପୁର ଠାରେ ଏବଂ ଇଂରେଜ ବିରୋଧୀ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ୧୯୪୦ ମସିହାରେ ଦବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ୧୯୪୨ ମସିହାରେ କଂଗ୍ରେସ କମିଟି ବୈଠକରେ ଗାନ୍ଧିଜୀ ଜବାହରଲାଲ ନେହରୁଙ୍କୁ ନିଜର ରାଜନୈତିକ ଉତ୍ତରାଧିକାରୀ ଭାବେ ଘୋଷଣା କରିଥିଲେ। ୧୯୪୬ ମସିହା ସେପ୍ଟେମ୍ବର ୨ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନତା ଲାଭ କରିଥିଲା । ୧୯୫୧ ମସିହାରେ ଗଣତାନ୍ତ୍ରିକ ପଦ୍ଧତି ଅନୁସାରେ ଭାରତରେ ପ୍ରଥମ ନିର୍ବାଚନ ଆରମ୍ଭ ହୋଇ ଭାରତୀୟ ଜାତୀୟ କଂଗ୍ରେସ ବିପୁଳ ସଂଖ୍ୟା ଗରିଷ୍ଠତା ଲାଭ କଲା ଓ ପୁନର୍ବାର ପଣ୍ଡିତ ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ସେହିଦିନଠାରୁ ଆମ ଦେଶରେ ପ୍ରଗତି ଆରମ୍ଭ ହେଲା ଓ ସମଗ୍ର ଦେଶରେ ନୂଆ ଶାସନ ଚାଲିଲା । ଭାରତୀୟମାନେ ଆଶ୍ୱସ୍ତି ଅନୁଭବ କଲେ। ଦୀର୍ଘଦିନ ଧରି ଭାରତୀୟମାନେ ଦେଖୁଥିବା ନୂଆ ଭାରତ ଗଠନର ସ୍ୱପ୍ନ ବାସ୍ତବରେ ପରିଣତ ହେଲା।

ପଣ୍ଡିତ ଜବାହରଲାଲ ନେରୁ ଆମ ଦେଶର ଶିଶୁମାନଙ୍କୁ ଖୁବ୍ ଭଲପାଉଥିଲେ। ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ, ସେମାନଙ୍କ ବିକାଶ ପାଇଁ ପଣ୍ଡିତ ଜବାହରଲାଲ ନେହରୁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଥିଲେ । ପଣ୍ଡିତ ଜବାହରଲାଲ ନେହରୁ ୧୮୮୯ ମସିହା ନଭେମ୍ବର ମାସ ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଏହି ପବିତ୍ର ଜନ୍ମଦିବସଟିକୁ ଶିଶୁ ଦିବସ ଭାବରେ ସମଗ୍ର ଦେଶରେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ୧୯୫୭ ମସିହା ନଭେମ୍ବର ୧୪ ତାରିଖ ଠାରୁ ଅଦ୍ୟାବଧି ସମଗ୍ର ଭାରତବର୍ଷରେ ଏହି ଶିଶୁ ଦିବସ ପାଳିତ ହୋଇଆସୁଛି ।

*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

## ସ୍ୱାଧୀନ ଭାରତର ଶିଳ୍ପକାର ଥିଲେ ନେହରୁ

■ ଗୋପାଳ ମହାପାତ୍ର ■

ପଣ୍ଡିତ ଜବାହାରଲାଲ ନେହରୁ ସ୍ୱାଧୀନତା ସଂଗ୍ରାମର ମହାନାୟକ ମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ କେବଳ ଭାରତର ସ୍ୱାଧୀନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ତା' ନୁହେଁ ବରଂ ବିଶ୍ୱରେ ଭାରତର ପ୍ରତିଷ୍ଠା ବଢ଼ାଇ ପାରିଥିଲେ । ୧୬ବର୍ଷ କାଳ ପ୍ରଧାନମନ୍ତ୍ରୀ ରହି ପଣ୍ଡିତ ନେହରୁ ନବଅର୍ଜିତ ସ୍ୱାଧୀନତାକୁ ସୁଗଠିତ କରିଥିଲେ ଏବଂ ଦେଶରେ ଶିଳ୍ପାୟନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅନେକ କଳ କାରଖାନା ଗଢି ଉଠିଥିଲା । ପିତା ମୋତିଲାଲ ନେହରୁ ଜବାହରଲାଲଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ (ଇଂଲଣ୍ଡ) ପଠାଇଥିଲେ । ବିଲାତରେ ପାଠପଢ଼ା ବେଳେ ସେ ସବୁ ଦେଶର ଇତିହାସକୁ ପଢିଥିଲେ ଯେଉଁସବୁ ଦେଶମାନେ ପରାଧିନତା ବେଡ଼ିରୁ ମୁକୁଳି ସ୍ୱାଧୀନ ହୋଇଥିଲେ। ବାରିଷ୍ଟରୀ, ପରିକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ୧୯୧୨ ମସିହାରେ ଜବାହାରଲାଲ ଭାରତକୁ ଫେରି ଓକିଲାତି ଆରମ୍ଭ କରିଥିଲେ ଓ କିଛି ଦିନପରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ୧୯୧୬ରେ ନେହରୁଙ୍କ ସହ ଗାନ୍ଧୀଙ୍କର ଭେଟ ହୋଇଥିଲା। ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ। ୧୯୧୯ରେ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧ ପରେ କଂଗ୍ରେସ ପାର୍ଟି ପ୍ରତି ନେହେରୁ ଆକର୍ଷିତ ହୋଇଥିଲେ । ଜାଲିଆନାବାଲାବାଗ୍ ହତ୍ୟାକାଣ୍ଡ ଘଟଣାରେ ସେ ଦେଶବନ୍ଧୁ ଚିତ୍ତରନ ଦାଶ ଏବଂ ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଥିଲେ । ୧୯୨୧ ରେ ପ୍ରଥମଥର ପାଇଁ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସେ କଂଗ୍ରେସର କାର୍ଯ୍ୟକ୍ରମରେ ଅଧିକ ସକ୍ରିୟ ହୋଇଥିଲେ ।

୧୯୨୪ ମସିହାରେ ନେହରୁ କଂଗ୍ରେସ ପାର୍ଟିର ମହାମନ୍ତ୍ରୀ ହୋଇଥିଲେ। ୧୯୨୯ରେ ସେ ଯେତେବେଳେ କଂଗ୍ରେସର ଅଧ୍ୟକ୍ଷ ହେଲେ ସେତେବେଳେ ରାବିନଦୀ କୂଳରେ କଂଗ୍ରେସର ଏକ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ 'ଭାରତର ଲୋକ ଅନ୍ୟ ଦେଶ ଭଳି ସ୍ୱାଧୀନ ହୋଇ ରହିବାକୁ ନିଜର ଜନ୍ମସିଦ୍ଧ ଅଧିକାର ବୋଲି ଭାବୁଛନ୍ତି । ଲୋକେ ନିଜର ପରିଶ୍ରମର ଫଳ ନିଜେ ଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଜୀବନ ନିର୍ବାହ ପାଇଁ ଆବଶ୍ୟକ ସୁବିଧା ମିଳିବା ଚାହାଁନ୍ତି ଯାହା ସେମାନଙ୍କ ବିକାଶ ପାଇଁ ଅବସର ସୃଷ୍ଟି କରିବ, '୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା ଏବଂ ନେହରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ସ୍ୱାଧୀନତାକୁ ଅନ୍ତିମ ପର୍ଯ୍ୟନ୍ତ ପହଞ୍ଚାଇବା ତାଙ୍କର ଲକ୍ଷଥିଲା । ଦେଶ ସ୍ୱାଧୀନ ହେବାପରେ ସେ ଦେଶରେ ପ୍ରଥମ ଏସୀୟ କନଫରେନ୍ସର ଆୟୋଜନ କରାଇଥିଲେ ଓ କହିଥିଲେ ଯେ ଭାରତର (ଆମର) ଉଦେଶ୍ୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ବିକାଶ । ନେହରୁଙ୍କ ବିଚାର ଆଫ୍ରିକାରେ ସ୍ୱାଧୀନତା ସଂଗ୍ରାମକୁ ଜନ୍ମ ଦେଇଥିଲା । ତାଙ୍କ ପ୍ରେରଣାରେ କଙ୍ଗୋ, କେନିଆ, ନାଇଜେରିଆ, ଟ୍ୟୁନିସିଆ, ଘାନା, ଲିବ୍ୟା, ସୁଡ଼ାନ ଏବଂ ମରକ୍କୋ ଭଳି ଦେଶରେ ସ୍ୱାଧୀନତା ସଂଗ୍ରାମ ବ୍ୟାପିଥିଲା ଓ ସେସବୁ ଦେଶ ସ୍ୱାଧୀନ ହୋଇଥିଲେ ।

ପଣ୍ଡିତ ନେହରୁ ସ୍ୱତନ୍ତ୍ରତା, ଗଣତନ୍ତ୍ର ଏବଂ ମାନବାଧିକାରର ପ୍ରବଳ ପକ୍ଷଧର ଥିଲେ। ୧୯୩୬ ମସିହାରେ ମୁସୋଲିନ ନେହରୁଙ୍କୁ ଡ଼କାଇଥିଲେ ଓ ୧୯୩୮ରେ ହିଟଲର ମଧ୍ୟ ନେହେରୁଙ୍କୁ ଡ଼କାଇଥିଲେ କିନ୍ତୁ ନେହରୁ ଏ ଦୁହିଁଙ୍କୁ ଭେଟିବା ପାଇଁ ସ୍ପଷ୍ଟ ମନ କରିଦେଇଥିଲେ । ଗଣତନ୍ତ୍ରର ପ୍ରଚଣ୍ଡ ସମର୍ଥକ ନେହେରୁ ଗଣତନ୍ତ୍ର ବିରୋଧି କୌଣସି ଶାସକଙ୍କୁ ଭେଟିବାକୁ ଚାହୁଁନଥିଲେ ପ୍ରଧାନମନ୍ତ୍ରୀ ଭାବେ ନେହେରୁ ଯେତେବେଳେ ଇଂଲଣ୍ଡ ଯାଇଥିଲେ ସେତେବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ସହ ତାଙ୍କର ଭେଟ ହୋଇଥିଲା । ଚର୍ଚ୍ଚିଲ ତାଙ୍କୁ ପଚାରିଥିଲେ ଯେ ଇଂରେଜ ଶାସନକୁ ବିରୋଧ କରି ସେ କେତେବର୍ଷ ଜେଲ ଯାଇଥିଲେ। ନେହେରୁ ଉତ୍ତରରେ ୧୦ ବର୍ଷ କହିଥିଲେ। ଚର୍ଚ୍ଚିଲ ପୁଣି କହିଥିଲେ ଯେ ଆପଣଙ୍କ ପ୍ରତି କରାଯାଇଥିବା ବ୍ୟବହାର କାରଣରୁ ଆପଣ ଆମକୁ ଘୃଣା କରିବା କଥା । ନେହେରୁ ଚର୍ଚ୍ଚିଲଙ୍କ ଏଭଳି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ 'ଆମ ଏମିତି ଜଣେ ନେତାଙ୍କ ନେତୃତ୍ୱରେ କାମ କରୁଥିଲୁ ଯିଏ ଆମକୁ ଶିଖାଇଥିଲେ– କାହାରିକୁ ଡ଼ର ନାହିଁ, କାହାରିକୁ ଘୃଣା କରନାହିଁ। ଆମେ ସେ ସମୟରେ ଆପଣଙ୍କୁ (ଇଂରେଜମାନଙ୍କୁ) ଡ଼ରୁନଥିଲୁ ଏଣୁ ଘୃଣାମଧ୍ୟ କରୁ ନଥିଲୁ'। ନେହରୁଙ୍କ ଉତ୍ତର ଶୁଣି ଚର୍ଚ୍ଚିଲ ଆଚମ୍ବିତ ହୋଇ ଯାଇଥିଲେ ।

ନେହରୁଙ୍କ ସାରା ଜୀବନ ହେଉଛି ମାନବତାର ସେବାର ଅବସ୍ମରଣୀୟ କାହାଣୀ। ନେହରୁଙ୍କର ଆତ୍ମବିଶ୍ୱାସ ଅଧିକ ଥିଲା। ୧୯୩୮ରେ ସ୍ପେନରେ ଗୃହଯୁଦ୍ଧ ଚାଲିଥିବାବେଳେ ସେ ସ୍ପେନ ଗସ୍ତରେ ଯାଇଥିଲେ। ୧୯୩୯ସେ ଚୀନ ଯାଇଥିଲେ। ସେତେବେଳେ ଚୀନରେ ମଧ୍ୟ ଅବସ୍ଥା ଭୟଙ୍କର ଥିଲା। ୧୯୫୪ରେ ନେହେରୁ ପଞ୍ଚଶୀଳ ଏବଂ ସହ ଅସ୍ତିତ୍ୱର ସ୍ଲୋଗାନ ଦେଇଥିଲେ। ନେହରୁ ସେ ସମୟରେ ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ କାହାରି ଗୋଡ଼ାଣିଆ ହେବାକୁ ପସନ୍ଦ କରିନଥିଲେ । ସେ ଗୋଷ୍ଠୀ ନିରପେକ୍ଷ ଏବଂ ପଞ୍ଚଶୀଳ ସିଦ୍ଧାନ୍ତକୁ ପାଳନକରି ବିଶ୍ୱବନ୍ଧୁତ୍ୱ ଓ ବିଶ୍ୱଶାନ୍ତି ପାଇଁ ଏକ ନୂଆ ସୂତ୍ର ପ୍ରଦାନ କରିଥିଲେ। ମାର୍ଶାଲ ଟିଟୋ ଏବଂ ଅବଦୁଲ ଗମାଲଙ୍କ ସହ ମିଶି ଏସିଆ ଓ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଏତଦ୍ ବ୍ୟତୀତ କୋରିଆ ଯୁଦ୍ଧ ବନ୍ଦ କରିବା, ସୁଏଜ କେନାଲ ବିବାଦର ସମାଧାନ ଏବଂ କଙ୍ଗୋ ବୁଝାବଣା ଭଳି ଅନ୍ତର୍ଜାତୀୟ ସମସ୍ୟାର ସମାଧାନ ପାଇଁ ସେ ଉଦ୍ୟମ କରିଥିଲେ।

ଏକଥା ସତ୍ୟ ଯେ ପାକିସ୍ଥାନ ଏବଂ ଚୀନ ସହ ଭାରତର ବିବାଦକୁ ସମାଧାନ କରିବା ଦିଗରେ ନେହେରୁ ସଫଳ ହୋଇନଥିଲେ। କିନ୍ତୁ ଏଥିପାଇଁ କେବଳ ନେହରୁଙ୍କୁ ଦାୟୀ କରାଯାଇପାରିବ ନାହିଁ । ପାକିସ୍ଥାନ ଏବଂ ଚୀନ ସମସ୍ୟାର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିନଥିଲେ। ଏବେବି ଏଦୁଇ ଦେଶର ମାନସିକତା ପୂର୍ବଭଳି ରହିଛି । ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ଜାତିବାଦ ଏବଂ ଉପନିବେଶବାଦ ବିରୁଦ୍ଧରେ ସେ ଜୀବନବ୍ୟାପୀ ସଂଘର୍ଷ ଜାରି ରଖିଥିଲେ। ତାଙ୍କ ମତଥିଲା ଦେଶର ବିକାଶ ପାଇଁ ସୌହାର୍ଦ୍ଦପୂର୍ଣ୍ଣ ସହାବସ୍ଥାନର ଆବଶ୍ୟକତା ରହିଛି। ଭାରତର ବିକାଶ ପାଇଁ ସେ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ କରିଥିଲେ। କୃଷି ଓ କୃଷକର ବିକାଶକୁ ଅଗ୍ରାଧିକାର ଦେଇଥିଲେ ପଣ୍ଡିତ ନେହରୁ । ରୋଜଗାର ସୃଜନ ଏବଂ ବିକାଶର ରାସ୍ତାକୁ ସୁଗମ କରିବା ପାଇଁ ଦେଶରେ ଅନେକ କଳ କାରଖାନା ସ୍ଥାପନ କରିଥିଲେ । ଆଜି ନେହେରୁ ଗଢ଼ିଥିବା ମୂଳଦୁଆ ଉପରେ ଭାରତ ବିକାଶର ଚିତ୍ର ଅଙ୍କା ଯାଉଛି। ନେହେରୁଙ୍କ ମାନବୀୟ ପକ୍ଷ ଅତ୍ୟନ୍ତ ଉଦାର ଏବଂ ସମାବେଶୀ ଥିଲା। ଦେଶରୁ ଦାରିଦ୍ର୍ୟ ବିଲୋପ ଏବଂ ଅସ୍ପୃଷ୍ୟତା ନିବାରଣ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ। ହିନ୍ଦୁ ସିଭିଲ କୋଡ଼କୁ ସୁଧାରି ଉତ୍ତରାଧିକାର ଏବଂ ସମ୍ପତ୍ତି ମାମଲାରେ ବିଧବାଙ୍କୁ ପୁରୁଷଙ୍କ ସହ ସମାନ ଅଧିକାର ଦେଇଥିଲେ ନେହେରୁ ।

ରାମଚନ୍ଦ୍ର ପୁର, ରଣପୁର
ମୋ–୯୪୩୮୪୮୫୦୯୪

## ରାଷ୍ଟ୍ର ଓ ଗଣତନ୍ତ୍ର : ସ୍ଥିତି ସୁଦୃଢ ନା ଅବକ୍ଷୟାଭିମୁଖୀ?



ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ରାଷ୍ଟ୍ର ଏହାର ବ୍ୟବସ୍ଥା ଓ ଗଣତନ୍ତ୍ର ଏହାକୁ କିପରି କ୍ରିୟାଶୀଳ କରାଯାଇ ପାରିବ, ସେ ନେଇ ସ୍ୱପ୍ନ ଶତାବ୍ଦୀ ଶତାବ୍ଦୀର । ରାଜନୈତିକ ଦାର୍ଶନିକ ଥମାସ ହବସ ବର୍ଣ୍ଣନା କରିଥିଲେ ମଣିଷ ଜୀବନ ନାଷ୍ଟି, ବ୍ରୁଟିସ ଓ ସର୍ଟ । କିଏ ରକ୍ଷା କରିବ ଏଥିରୁ । ସେ ଜନ୍ମ ଦେଇଥିଲେ ଲେଭିଆଥାନକୁ । ଲେଭିଆଥାନ ଅତି ଶକ୍ତିଶାଳୀ, ତା'ର କ୍ଷମତା ଥିଲା ଅସୀମ । ଲୋକମାନଙ୍କର ଜୀବନ, ସ୍ୱାଧୀନତା ଓ ସ୍ୱାଧୀକାରକୁ ଲେଭିଆଥାନ ସୁରକ୍ଷା ପ୍ରଦାନ କରିଥିଲା । ଏହାର ଆବଶ୍ୟକତା ଥିଲା । ଏ ବ୍ୟବସ୍ଥା ଚାଲିଲା ଅନେକଦିନ । ଏହାର ଅଭିଜ୍ଞତାର ସ୍ୱାଦ ଲୋକମାନେ ଚାଖିଲେ । ରାଷ୍ଟ୍ର ଏତେ କ୍ଷମତାଶାଳୀ ହେଲା ଯେ ଲୋକମାନେ ହାହାକାର ରଚିଲେ । ଫରାସୀ ବିପ୍ଳବ ତ ହେଲା । ସ୍ୱାଧୀନତା ଓ ସ୍ୱାଧୀକାର ପାଇଁ ବିପ୍ଳବ ମାଧ୍ୟମରେ ନିଜକୁ ସଂଘଠିତ କଲେ । ଆମର ରୋଟୀ ଦରକାର ନାହିଁ, ସ୍ୱାଧୀନତାର ଆବଶ୍ୟକତା ଅଛି ବୋଲି ଚିତ୍କାର କଲେ । ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଚାଲିଲା । ଅନେକ ମୃତାହତ ହେଲେ । ରାଷ୍ଟ୍ରରେ ଅଧିଷ୍ଠିତ ହୋଇଥିବା ରାଜତନ୍ତ୍ର ଅନେକ ଆହ୍ୱାନର ସମ୍ମୁଖୀନ ହେଲା । ସମସ୍ତେ ଅଧିକ ଗଣତାନ୍ତ୍ରିକ ଅଧିକାର ପାଇଁ ନିର୍ଭେ ଦାବି ଚାହିଁଲେ । ସମସ୍ତେ ୧୭୮୯ ଫରାସୀ ବିପ୍ଳବରୁ ଏବଂ ଆମେରିକାର ସ୍ୱାଧୀନତା ପାଇଁ ଯୁଦ୍ଧନେଇ ଆକୃଷ୍ଟ ହେଲେ । ବ୍ୟବସ୍ଥା ସଭାରେ ଆମର ପ୍ରତିନିଧିତ୍ୱ ନାହିଁତ ଆମେ ଟାକ୍ସ ଦେବୁନାହିଁ । ଆନ୍ଦୋଳନକାରୀ ବିଜୟ ହାସଲ କଲେ । ଆମେରିକା ସ୍ୱାଧୀନ ହେଲା । ବ୍ରିଟିଶ ଉପନିବେଶବାଦୀମାନେ ପରାସ୍ତ ହେଲେ । ସେଠି ଗଣତନ୍ତ୍ର ପ୍ରତିଷ୍ଠିତ ହେଲା । ନୂତନ ସଂବିଧାନ ପ୍ରଣୟନ ହେଲା । ଗଣତନ୍ତ୍ର ପାଇଁ ଏହା ଏକ ମାଇଲ ଖୁପରି ଆମେରିକା ପ୍ରତିଷ୍ଠା ହେଲା । ରାଷ୍ଟ୍ର ଗଣତନ୍ତ୍ରର ଅଭ୍ୟୁଦୟକୁ ସାହାଯ୍ୟ କଲା । ପୁଣି ଇଂଲଣ୍ଡରେ ୧୮୩୨ ସମ୍ବିଧାନିକ ସଂସ୍କାର ପାଇଁ ଲୋକମାନଙ୍କର ଉଦ୍ୟମକୁ ମଧ୍ୟ ଲକ୍ଷ୍ୟ କରିବା । ସେତେବେଳ ପର୍ଯ୍ୟନ୍ତ ସମସ୍ତଙ୍କୁ (ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ) ଭୋଟ ଅଧିକାର ମିଳିନଥିଲା । ଇଂଲଣ୍ଡର ଦ୍ୱିଦଳୀୟ ବ୍ୟବସ୍ଥା, ଯେଉଁ ଦଳ କ୍ଷମତାରେ ଥିଲା ସମସ୍ତେ (ପୁରୁଷ ହେଉ କି ସ୍ତ୍ରୀ ହେଉ) କିପରି ଭୋଟାଧିକାର ପାଇବେ ଉଦ୍ୟମ କରି ତିନିତିନି ଥର ନିର୍ବାଚନରେ ଲଢି ଏହି (Universal adult franthine)କୁ ଆଇନମୋଦିତ କରିଥିଲା । ସମଗ୍ର ବିଶ୍ୱ ପାଇଁ ଏହା ଏକ ନୂତନ ଉପଲବ୍ଧି ଥିଲା । କାହାକୁ ବି ଅଣଦେଖା କରିହେବନି । ପୁରୁଷ ହେଉ କି ସ୍ତ୍ରୀ ହେଉ, ଧନୀ ହେଉ କି ଗରୀବ ହେଉ, ଶକ୍ତିଶାଳୀ ହେଉ କିନିରୀହ ହେଉ, ସମସ୍ତେ ଭୋଟାଧିକାର ସାବ୍ୟସ୍ତ କରିବେ ।

ଶହ ଶହ ବର୍ଷ ଧରି ରାଷ୍ଟ୍ର ଓ ଗଣତନ୍ତ୍ର ପ୍ରଗତି ପଥରେ ଆଗେଇ ଯାଇଛନ୍ତି । ସମସ୍ୟା ଆସିଛି, ପୁଣି ସମସ୍ୟାମାନଙ୍କର ସମାପ୍ତି ଘଟିଛି । ରାଜତନ୍ତ୍ର ଲୋପ ପାଇଛି । ଗଣତନ୍ତ୍ର ପରେ ଏକଛତ୍ରବାଦ ପ୍ରତିଷ୍ଠା ହୋଇଛି । ପୁଣି ଏକଛତ୍ରବାଦ ଲୋପ ପାଇଛି । ମୁସଲିନ ଗଣତନ୍ତ୍ର ମାଧ୍ୟମରେ କ୍ଷମତାସୀନ ହୋଇଥିଲେ । ନିର୍ବାଚନରେ ଭାଗ ନେଇ କ୍ଷମତାକୁ ଆସିଥିଲେ । ଗଣତନ୍ତ୍ର ପ୍ରତିଷ୍ଠା କଲେ, ପୁଣି ସେ ଇଟାଲିର ଏକଛତ୍ରବାଦର ପ୍ରତିଷ୍ଠାତା ହେଲେ । ସେ ଓ ଆଡଲ୍ଫ ହିଟଲର କେମିତି ଚକ୍ରଶକ୍ତି ଗଠନ କରି ବିଶ୍ୱପାଇଁ ବିପଦ ସୃଷ୍ଟି କରିଥିଲେ । ଏଇ ଶହେ ବର୍ଷର ଇତିହାସ ଦେଖିଲେ, ରାଷ୍ଟ୍ର ଅଧିକ କ୍ଷମତାଶାଳୀ ହୋଇ ପାରିଛି । ଜନମଙ୍ଗଳ ରାଷ୍ଟ୍ର, ଲୋକମାନଙ୍କୁ ସୁବିଧା ଓ ସୁଯୋଗ ପ୍ରଦାନ କରିବ ବୋଲି ଏପରି ଆଇନ ପ୍ରଣୟନରେ ସାହାଯ୍ୟ କଲା ଯେ ରାଷ୍ଟ୍ରକ୍ରମେ ଟୋଟା ଲିଟାରୀଆନ ଷ୍ଟେଟ ହୋଇଗଲା । ଦେଶପାଇଁ ଯୋଜନା ପ୍ରଣୟନ କରିବାକୁ ପଡିବ ଓ ଯୋଜନା ଲୋକମାନଙ୍କ ପାଇଁ ହିତକାରୀ । ଏଣୁ ଯାହା ବାଧାବିଘ୍ନ ଆସୁପଛେ ଲୋକମାନଙ୍କର ସ୍ୱାଧୀକାର କ୍ଷୁଣ୍ଣ ହେଉପଛେ ରାଷ୍ଟ୍ର ଯାହା ଚାହିଁବ ତାହା କରିବ । ଶ୍ରମିକ ଗୋଷ୍ଠୀ ଓ କୃଷକ ଗୋଷ୍ଠୀ (ପ୍ରୋଲିଟାରିଏଟ) ସୁଯୋଗ ପାଇବେ । ଏଣୁ ସବୁ ଜମି ରାଷ୍ଟ୍ରର ଅଧିନ ହେବ । ସମସ୍ତେ ରାଷ୍ଟ୍ର ଅଧିନକୁ ଆସିବେ । ସାମ୍ୟବାଦର ବିସ୍ତାରିତ ହେବାପାଇଁ କ'ଣ ସୋଭିଏଟ ୟୁନିଅନରେ ଓ ଚୀନରେ ଘଟିଲା ତାହା ସମସ୍ତେ ଜାଣନ୍ତି ।

ଏବେ ମଧ୍ୟ ଋଷିୟା ୟୁକ୍ରେନ ସହିତ ଏପରି ଯୁଦ୍ଧରେ ଲିପ୍ତ ହୋଇଛି, ୟୁକ୍ରେନର ନାଗରିକମାନେ ଅନେକ ସଂଖ୍ୟାରେ ମୃତାହତ ହେଉଛନ୍ତି । ଏହା ଏବେକାର କଥା ନୁହଁ, ଗତ ଚାରି ପାଞ୍ଚ ବର୍ଷ ହେବ ନିରନ୍ତର ଭାବରେ ଚାଲିଛି । କି ବର୍ବରତା ଓ କି ଦୁଃଖଦାୟକ, ଏକଥା ଅବର୍ଣ୍ଣନୀୟ । ଦିନେ ଏହି ଋଷିୟା, ପୂର୍ବର ସୋଭିଏଟ ୟୁନିଅନ କାର୍ଲଏର୍କ୍ସ, ଲେନିନ ଓ ଷ୍ଟାଲିନଙ୍କ ଆଦର୍ଶରେ ସାମ୍ୟବାଦ ରାଷ୍ଟ୍ରଟିଏ ସୃଷ୍ଟି କରିଥିଲା, ଘୋଷଣା କରିଥିଲା । ଯେଉଁଠି ଶ୍ରମିକମାନେ, କୃଷକମାନେ, ଖଟିଖିଆମାନେ ବିପର୍ଯ୍ୟୟର ସମ୍ମୁଖୀନ ହେବେ ସେଠି ସୋଭିଏଟ ୟୁନିଅନ ହସ୍ତକ୍ଷେପ କରି ଶାନ୍ତି ପ୍ରତିଷ୍ଠା କରିବ । ନିଜେ ତ ଋଷିୟା ୟୁକ୍ରେନର ଆକ୍ରମଣ କରୁଛି । ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଯୁଦ୍ଧ ବନ୍ଦକରି ଶାନ୍ତିପାଇଁ ଯେତେ ନିବେଦନ କରୁଛନ୍ତି, ତାହା ଅଶୁଣା ହୋଇ ରହିଯାଉଛି ।

ଆମେରିକା ଯେତେବେଳେ ତା'ର ସମ୍ବିଧାନ ନିଜପାଇଁ ଗ୍ରହଣ କରିଥିଲା, ସେତେବେଳେ ଯେଉଁଠି ଗଣତନ୍ତ୍ର ବିପଦର ସମ୍ମୁଖୀନ ହେଉଥିବ ସେଠି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଯେଉଁ ପଦକ୍ଷେପ ଦେବାକଥା ସେପରି ପଦକ୍ଷେପ ନେବ । ଦୁର୍ଭାଗ୍ୟ କଥା ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶର ଓ ନିଜ ଦେଶର ମଧ୍ୟ ବହୁ ଲୋକଙ୍କ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା କ'ଣ ଗଣତାନ୍ତ୍ରିକ । ଭାରତର କେତେକ ଲୋକ ସେଠି ରହିଯାଇଥିଲେ । ଇନଗ୍ରେସନ ପ୍ରକ୍ରିୟା ଶେଷ ହୋଇ ନଥିଲା । ତାଙ୍କୁ ଡୋନାଲ୍ଡ ଟ୍ରମ୍ପ ଅଣ୍ଟାରେ ବେଡି ଲଗାଇ ଓ ହାତକଡି ପକାଇ ବିମାନରେ ଆଣି ମୁମ୍ବାଇ, ଅହମ୍ମଦାବାଦ, ବେଙ୍ଗାଲୁରୁରେ ଛାଡୁଛନ୍ତି । କାହାକୁ ଖାତିର ନାହିଁ । ଏପରି ପରିସ୍ଥିତିରେ ସେ କ'ଣ ଗଣତନ୍ତ୍ରକୁ ରକ୍ଷା କରିବେ । ତାଙ୍କର କ୍ରୋଧ ଚରମସୀମାରେ ପହଞ୍ଚିଛି । ଉତ୍ତର କୋରିଆରେ ଶାସକ ନିଜକୁ ରକ୍ଷା କରିବା ପାଇଁ ଏପରି ପଦକ୍ଷେପମାନ ନେଉଛନ୍ତି ଯାହା ଅତୀତରେ ଅନେକ ଏକଛତ୍ରବାଦୀମାନଙ୍କଠୁ ଅଧିକ ।

ଯେଉଁ ରାଷ୍ଟ୍ର ଓ ଗଣତନ୍ତ୍ର ନେଇ ଲୋକମାନେ ଉତ୍ତର ରଖିଥିଲେ ଓ ସ୍ୱପ୍ନ ଦେଖିଥିଲେ ଏହା ଅବକ୍ଷୟାଭିମୁଖୀ ରାଷ୍ଟ୍ର ଲେଭିଆଥାନ। ଦେଶର ଆବଶ୍ୟକତା ନାହିଁ । ଜନମଙ୍ଗଳ ରାଷ୍ଟ୍ର ହେଉ, କିନ୍ତୁ ସେଇ ନାଁରେ ଲୋକମାନଙ୍କର ଅଧିକାରକୁ କ୍ଷୁଣ୍ଣ କରିବାର ଅଧିକାର କାହାକୁ ଦିଆଯାଇ ନାହିଁ । ସବୁ ଲୋକମାନଙ୍କର ଆବଶ୍ୟକତା ଅଛି କହି ସବୁ ନେଉଛନ୍ତି । ସାଧାରଣ ଲୋକ ପାଖରେ କ'ଣ ରହିବ? ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ନିର୍ବାଚନ ପ୍ରହସନରେ ପରିଣତ ହୋଇଛି । ଏହାକୁ ସୁଧୁରିବା ପାଇଁ ସବୁ ଉଦ୍ୟମ ଫସର ଫାଟି ଯାଉଛି । ନିର୍ବାଚନର ଆଇନ ମାନିବା ଲୋକ ଦେଖାଣିଆ ହେଉଛି । ଆମ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆମେ ଏକାଠି ହେବା ନାହିଁ?

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ. ୯୪୩୭୩୦୨୪୧୭*





# ଫୁଟ୍‌ପାଥରେ ସଢୁଛି ଶୈଶବ

■ ନାରାୟଣ ଚନ୍ଦ୍ର ବିଶ୍ୱାଳ




ଆଜି ଶିଶୁ ଦିବସ । ଖାସ୍ ଶିଶୁଙ୍କ ଲାଗି ସବୁଆଡ଼େ ଆୟୋଜିତ ହେଉଛି ସଭାସମିତି ଶୋଭାଯାତ୍ରା । ସେ ସବୁରେ ଭାଗ ନେଇ ଶିଶୁ ପାଳିବେ ସେମାନଙ୍କ ପ୍ରିୟ ଚାଚା ନେହରୁଙ୍କ ଜନ୍ମଦିନ । ହେଲେ ସମସ୍ତେ ନୁହଁନ୍ତି, କେବଳ ସ୍କୁଲ ପଢ଼ନ୍ତା ପିଲାମାନେ ପାଇବେ ଏହି ଦିବସ ପାଳିବାର ସୌଭାଗ୍ୟ । ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ସୁବିଧା ସୁଯୋଗରୁ ବଞ୍ଚିତ ଶହ ଶହ ଶିଶୁ ସବୁଦିନ ଭଳି ଜୀବନ ସହ ଲୁଝୁଥିବେ ଜୀବିକା ଯୋଗାଡ଼ ପାଇଁ । ଏହି ହତଭାଗାମାନଙ୍କ ଲାଗି ଶିଶୁ ଦିବସ ନିରର୍ଥକ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜାଣନ୍ତିନି କାହା ଲାଗି, କାହିଁକି, କିଏ ପାଳେ ଏହି ଦିନଟିକୁ ?

ଓଡ଼ିଶାରେ ଦୟନୀୟ ଅବସ୍ଥାରେ ଥିବା ଶିଶୁଙ୍କ ସଂଖ୍ୟା ୬ଲକ୍ଷ ବୋଲି ଦାବି କରନ୍ତି ଅନେକ ଶିଶୁ ଅଧିକାର ସୁରକ୍ଷା ସଂସ୍ଥା । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଏହି ସଂଖ୍ୟକ ଶିଶୁ ବିଭିନ୍ନ ପ୍ରକାର ଶ୍ରମରେ ଲିପ୍ତ ଅଛନ୍ତି । ଏମାନଙ୍କୁ ଶ୍ରମରୁ ମୁକ୍ତ କରି ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଲାଗି ଯାବତୀୟ ଆଇନକାନୁନ୍ ହୋଇଛି । ନିକଟରେ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପ୍ରଣୟନ କରାଯାଇଛି ।





ସ୍କୁଲ ପଢ଼ା ପିଲାମାନେ ସକାଳୁ ସଫା ସାର୍ଟ, ପ୍ୟାଣ୍ଟ ପିନ୍ଧି ସ୍କୁଲକୁ ବାହାରିବା ବେଳେ ଏହି ଅଭାଗାମାନେ ଚିରାଫଟା ପିନ୍ଧି ଭୋକିଲା ପେଟରେ ପହଞ୍ଚିସାରିଥିବେ କର୍ମସ୍ଥାନ–ଢାବା, ଇଟାଭାଟି, ଗ୍ୟାରେଜ ନ ହେଲେ କାହାରି ଘରେ କାମ କରିବା ପାଇଁ । ସ୍କୁଲରେ ପିଲାମାନେ ମିଠା ଖାଇ ନେହେରୁଙ୍କ ସ୍ମୃତିରେ ଗୀତ କବିତା ବୋଲୁଥିବା ବେଳେ ଏମାନେ ଝାଳ ନାଳ ହୋଇ ଶୁଣୁଥିବେ ମାଲିକର ଗାଳି । ସ୍କୁଲରେ ପିଲାଙ୍କ ମଧ୍ୟରେ ଉପହାର ଜିତିବା ପାଇଁ ନାନା କମ୍ପିଟିସନ ଚାଲିଥିବା ବେଳେ ଫୁଟ୍‌ପାଥରେ ପିଲାମାନେ ନିଜ ମଧ୍ୟରେ ପ୍ରତିଯୋଗିତା ଚଳାଇଥିବେ ଅଧିକ ଭିକ, ଜରି ସାଉଁଟିବା ଲାଗି ।

ଏଠି ପ୍ରଶ୍ନ ଉଠୁଛି କାହିଁକି ପିଲାଙ୍କ ପାଇଁ ଦିବସଟିର ଏଭଳି ଭିନ୍ନ ପରିଭାଷା । ଜବାହରଲାଲ ନେହରୁ କ'ଣ କେବଳ ନିର୍ଦ୍ଦିଷ୍ଟ ବର୍ଗର ପିଲାଙ୍କ ହିତାକାଂକ୍ଷୀ ଥିଲେ ? ନା ସେ ଚାହିଁଥିଲେ ସାରା ଦେଶର ସବୁ ଶିଶୁଙ୍କ ଉନ୍ନତି । ସମସ୍ତେ ପଢ଼ନ୍ତୁ, ସୁସ୍ଥ ହୋଇ ବଢ଼ନ୍ତୁ । ତାଙ୍କ ସ୍ୱପ୍ନ କିନ୍ତୁ ଅଧୁରା ହୋଇ ରହିଯାଇଛି । କାରଣ ତାହାକୁ ପୂରଣ କରିବା ଲାଗି ଗଦା ଗଦା ନୀତିନିୟମ, ଯୋଜନା ତିଆରି ହୋଇଛି ସତ, ସେ ସବୁ କିନ୍ତୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉନାହିଁ । ଏଥିପାଇଁ ଦାୟୀ ସରକାରୀ ସ୍ତରରେ ଆନ୍ତରିକ ଚେଷ୍ଟା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ । ଏହି ବ୍ୟତିକ୍ରମ ଯୋଗୁଁ ଲକ୍ଷ ଲକ୍ଷ ଶିଶୁ ଆଜି ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇ ଜୀବନ ଜୀବିକା ଲାଗି ସଂଘର୍ଷ କରୁଛନ୍ତି ।

ଓଡ଼ିଶାରେ ଏହିଭଳି ଦଶାରେ ଥିବା ଶିଶୁଙ୍କ ସଂଖ୍ୟା ୬ଲକ୍ଷ ବୋଲି ଦାବି କରନ୍ତି ଅନେକ ଶିଶୁ ଅଧିକାର ସୁରକ୍ଷା ସଂସ୍ଥା । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଏହି ସଂଖ୍ୟକ ଶିଶୁ ବିଭିନ୍ନ ପ୍ରକାର ଶ୍ରମରେ ଲିପ୍ତ ଅଛନ୍ତି । ଏମାନଙ୍କୁ ଶ୍ରମରୁ ମୁକ୍ତ କରି ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଲାଗି ଯାବତୀୟ ଆଇନକାନୁନ୍ ହୋଇଛି । ନିକଟରେ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପ୍ରଣୟନ କରାଯାଇଛି । ହେଲେ ତାହା ଏବେ ନାଲିଫିତା ତଳେ । ପୋଲିସ ପ୍ରଶାସନ କେହି ବି ଯଥେଷ୍ଟ ସଜାଗ ନୁହଁନ୍ତି ଶିଶୁଙ୍କ ଅଧିକାରର ସୁରକ୍ଷା ପାଇଁ । କିଶୋର ନ୍ୟାୟ ଆଇନ ମୁତାବକ ଭିକ୍ଷା ବୃତ୍ତି ଓ ଶ୍ରମରେ ନିୟୋଜିତ ଶିଶୁମାନଙ୍କୁ ପୋଲିସ ଉଦ୍ଧାର କରିବା କଥା । ତାହା କିନ୍ତୁ ହେଉନାହିଁ । ସେହିପରି ଶିଶୁ ଶ୍ରମ ରୋକିବା ଲାଗି ଜିଲ୍ଲାସ୍ତରରେ ଥିବା ଟାସ୍କଫୋର୍ସ ଉପଯୁକ୍ତ ଭାବେ କାର୍ଯ୍ୟ କରୁନାହିଁ । ଶିଶୁଙ୍କୁ ଖଟାଉଥିବା ସଂସ୍ଥାଗୁଡ଼ିକର ନିୟମିତ ଯାଞ୍ଚ କରାଯାଉନାହିଁ । ସବୁ ଥାନାରେ ଏଯାଏଁ ମହିଳା ଓ ଶିଶୁ ଡେସ୍କ ଖୋଲି ନାହିଁ । ଏଭଳି ଅବହେଳା ଯୋଗୁଁ ଦେଶର ଭବିଷ୍ୟତ ବୋଲାଉଥିବା ହଜାର ହଜାର ଶିଶୁ ଦୁଃସ୍ଥିତିରେ କାଳାତିପାତ କରୁଛନ୍ତି । ରାଜ୍ୟ ରାଜଧାନୀରେ ବି ଶିଶୁମାନେ ଅବହେଳାରୁ ବାଦ ପଡ଼ିନାହାନ୍ତି । କଟକ–ଭୁବନେଶ୍ୱର ପରି ଦ୍ୱୈତନଗରରେ ପ୍ରାୟ ୫୦ ହଜାର ଶିଶୁ ହୋଟେଲ, ଗ୍ୟାରେଜ, ଇଟାଭାଟିରେ ଓ ଲୋକଙ୍କ ଘରେ ଶ୍ରମ କରୁଛନ୍ତି । ଅନେକ ବୁଲି ଭିକ ମାଗୁଛନ୍ତି । ପାଠପଢ଼ାଇବା ବଦଳରେ ଏହି ପିଲାମାନଙ୍କୁ ସେମାନଙ୍କ ଗରିବ ତାଲିମ ଦେଉଛନ୍ତି ଭିକ୍ଷା ବୃତ୍ତି କରିବାର କୌଶଳ । ମଲ୍, ମାର୍କେଟ, ରାସ୍ତାକଡ଼ରେ ଲୋକଙ୍କ ଗୋଡ ହାତ ଜାବୋଡ଼ି ଧରି ଏହି ପିଲାମାନେ ଜୋରଜବରଦସ୍ତ ଭିକ ଆଦାୟ କରୁଛନ୍ତି । ଅନେକ ଶିଶୁ ଚୋର ସାଜୁଛନ୍ତି । ସରକାରୀ ସ୍ତରରେ ଯେ କିଛି ଉଦ୍ୟମ ହେଉନି ତାହାନୁହେଁ ରାଜ୍ୟ ସରକାରଙ୍କଠାରୁ କେନ୍ଦ୍ର ସରକାର ଏପରିକି ପୃଥିବୀର ଖ୍ୟାତି ସମ୍ପନ୍ନ ସ୍ୱେଚ୍ଛାସେବୀ ସଂଗଠନମାନେ ଏହି ଆସନ୍ତା କାଲିର ଭବିଷ୍ୟତ– ଦେବଶିଶୁଙ୍କ ପାଇଁ ଅନେକ କିଛି ଯୋଜନା ଓ ଅନୁଦାନ ଚାଲିଛି । ତେବେ ସରକାରୀ ଦାୟିତ୍ୱବୋଧତାକୁ ବେସରକାରୀ କ୍ଷେତ୍ରରେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ସଂଗଠନମାନେ ନିରନ୍ତର ଏହି କ୍ଷେତ୍ରରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଲେ ଅନେକ ଶିଶୁମାନଙ୍କ ଭବିଷ୍ୟତ ସୁଉଜ୍ଜ୍ୱଳ ହୋଇପାରନ୍ତା । ତେବେ ଆଜି ଶିଶୁ ଦିବସ ପରି ଏକ ସ୍ମରଣୀୟ ଦିବସରେ ଆମ ସମସ୍ତଙ୍କ ଭିତରେ ଶପଥ ଅନୁଚିନ୍ତନର ଦିବସଟି ହେଉ ଯେ, ଆମେ ଆମ ହାତ ପାହାନ୍ତାରେ ସଢୁଥିବା ଦେବଶିଶୁଙ୍କ ପାଇଁ ଯେପରି କିଛି ଦାୟିତ୍ୱବୋଧତା ଆନ୍ତରିକ ଭାବେ ନିର୍ବାହ କରିପାରିବା ।

---


୧୮୮୯ ନଭେମ୍ବର ୧୪ ତାରିଖରେ ପୃଥିବୀରେ ଅଗଣିତ ଶିଶୁ ଭୂମିଷ୍ଠ ହୋଇଥିଲେ । ସେହି ଶିଶୁମାନଙ୍କ ଭିତରୁ ଜଣେ ଥିଲେ ଜବାହରଲାଲ୍ ନେହରୁ, ପିତା– ମୋତିଲାଲ୍ ନେହରୁ, ଏଲ୍ଲାବାଦ୍ ହାଇକୋର୍ଟର ପ୍ରଖ୍ୟାତ ଆଇନ୍‌ଜୀବି ଏବଂ ଜଣେ ଧନାଢ଼୍ୟ ବ୍ୟକ୍ତି । ସେହି ଶିଶୁ ବଡ଼ ହୋଇ ପାଲଟିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ଭାରତବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପଣ୍ଡିତ ଜବାହର୍ ନିଜ ଜନ୍ମ ଭୂମିର ସ୍ନେହ, ଶ୍ରଦ୍ଧା ଲାଭ କରିବା ସହ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ସ୍ଥାନ ଅକ୍ତିଆର କରିଥିଲେ । ତାଙ୍କ ଘଟଣା ବହୁଳ ଜୀବନ ଦେଶବାସୀଙ୍କ ପାଇଁ ଅମୂଲ୍ୟ ଉଦାହରଣ । ସେ ଥିଲେ ସ୍ୱାଧୀନତା ସଂଗ୍ରାମର ଅନନ୍ୟ କାଣ୍ଡାରୀ । ସ୍ୱାଧୀନତା ପରଠାରୁ ଦୀର୍ଘ ୧୭ବର୍ଷ ଧରି ପ୍ରଧାନମନ୍ତ୍ରୀ ଥିବାବେଳେ ସେ ଦେଶରେ ଗଣତନ୍ତ୍ର ଚିନ୍ତାଧାରାକୁ ଦୃଢ଼ିଭୂତ କରିଥିଲେ । ତାଙ୍କ ପାଖରେ ଧୀଶକ୍ତି ଓ ବିଚାର ଶକ୍ତି ଅଙ୍ଗାଙ୍ଗୀ ଭାବେ ରହିଥିଲା । ହୃଦୟବତ୍ତା ଓ ମଣିକାଞ୍ଚନ ସୁଯୋଗ ତାଙ୍କ ଜୀବନର ଗତିପଥକୁ ଉଜ୍ଜ୍ୱଳ କରିଥିଲା ।



୧୯୫୪ମସିହାର କଥା ହଠାତ୍ ଶ୍ରୀ ନେହରୁ ଅନ୍ତର୍ଦ୍ଧାନ ହୋଇଗଲେ । ସମସ୍ତଙ୍କର ବ୍ୟସ୍ତତା ବଢ଼ିଗଲା । ବହୁତ ଖୋଜାଖୋଜି ପରେ ଦେଖାଗଲା ସେ କୋମଳମତି ଶିଶୁମାନଙ୍କ ସହ ପାର୍କରେ ବସି ଖେଳୁଛନ୍ତି । ତାଙ୍କର ବିଶ୍ୱାସ ଥିଲା ଶିଶୁ ହୃଦୟ ସରଳ ଏବଂ ଛନ୍ଦ ରହିତ । ଆଜିର ଶିଶୁ କାଲିର ଭବିଷ୍ୟତ ନାଗରିକ । ଶିଶୁମାନେ ତାଙ୍କୁ ଗୋଲାପ ଫୁଲ ଦେଇ ଆପ୍ୟାୟିତ କରୁଥିଲେ । ସେ ଗୋଲାପ ଫୁଲଟିକୁ ନିଜ ଛାତିରେ ରଖୁଥିଲେ । ଏହାର ଅର୍ନ୍ତନିହିତ କାରଣ ଥିଲା ଗୋଲାପ ଯେପରି ସଂପୂର୍ଣ୍ଣ କଣ୍ଟା ଭିତରେ ନିଜକୁ ପ୍ରସ୍ଫୁଟିତ କରିପାରିଛି ଠିକ୍ ସେହିପରି ମଣିଷ ଜୀବନ ଅନେକ ଘାତ ପ୍ରତିଘାତ ଭିତରେ ଅତିବାହିତ ହୁଏ । ଉତ୍ତମ ବ୍ୟକ୍ତି ଏସବୁକୁ ଅତିକ୍ରମ କରି ଦେଶ ଓ ଜାତିର ସେବା କରିପାରିଲେ ସେ ଦେଶ ଓ ଜାତିପାଇଁ ମହନୀୟ ହୋଇ ଉଠେ । ଆଉ ଏକ ଘଟଣା ୧୯୫୩ ମସିହାରେ ଉତ୍ତର ପ୍ରଦେଶର କାନପୁର ସହରରେ ବାଧତାମୂଳକ ଚିକିତ୍ସା ଯୋଜନା ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଉଦ୍‌ଘାଟନ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ତାଙ୍କର ବିଶ୍ରାମ ସମୟ ସ୍ଥିରୀକୃତ ହୋଇଥିବା ପରମ୍ପରାକୁ ଭାଙ୍ଗି ଶ୍ରମିକ ପ୍ରେମୀ



ନେହେରୁ ଶ୍ରମିକ ବସ୍ତି ପରିଦର୍ଶନ କରିବାକୁ ବାହାରି ପଡିଥିଲେ । ସଙ୍ଗରେ ଥିଲେ ଶ୍ରମମନ୍ତ୍ରୀ ଜଗଜ୍ଜୀବନ ରାମ୍ । ଜୀର୍ଣ୍ଣଶୀର୍ଣ୍ଣ ବସ୍ତୀ ଓ କଦର୍ଯ୍ୟ ପରିବେଶ ଦେଖି ଅତିଶୟ ବ୍ୟଥିତ ହେବା ସହ ହଠାତ୍ ରାଗି ଯାଇ କାନପୁର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ କିଏ ବୋଲି ପଚାରିଥିଲେ ? ଭାଗ୍ୟକୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ସାନ୍ୟାଲ୍ ସେଠାରେ ଉପସ୍ଥିତ ଥିଲେ । ଜବାହାର୍‌ଙ୍କ ଏପ୍ରଶ୍ନ ବାଣରେ ସେ ବରଡାପତ୍ର ପରି ଥରିବାକୁ ଲାଗିଲେ । ନେହରୁ ସାଙ୍ଗେ ସାଙ୍ଗେ ଶ୍ରମମନ୍ତ୍ରୀ ଶ୍ରୀ ରାମ୍‌ଙ୍କୁ କହିଲେ ଆପଣ ଏପରି ଅକାମୀ ଲୋକକୁ ବରଖାସ୍ତ ନ କରି କିପରି ଦାୟିତ୍ୱରେ ରଖିଛନ୍ତି । ଶ୍ରମମନ୍ତ୍ରୀ ଥିଲେ ଅତ୍ୟନ୍ତ ଚତୁର, ସେ ଅଧ୍ୟକ୍ଷଙ୍କୁ ବଞ୍ଚାଇବାକୁ ଯାଇ କହିଥିଲେ ଆଜ୍ଞା, ସାନ୍ୟାଲ୍‌ଙ୍କ କୌଣସି ଦୋଷ ନାହିଁ, ଏ ଘରଗୁଡିକ ଭାଙ୍ଗି ଭଲ ଘର ତିଆରି କରିବା ପାଇଁ ସେ ବହୁବାର ସରକାରଙ୍କୁ ଟଙ୍କା ମାଗିଲେଣି, ମାତ୍ର ଆପଣଙ୍କ ଅର୍ଥ ବିଭାଗ ଏପର୍ଯ୍ୟନ୍ତ ଟଙ୍କା ମଞ୍ଜୁର କରୁନାହିଁ । ଏ ଉତ୍ତରରେ ନେହ୍ରୁରଙ୍କ କ୍ରୋଧ ହଠାତ୍ ସ୍ତମ୍ଭୀତ ହୋଇଗଲା । ସେ ତୀକ୍ଷ୍ଣଣ ଦୃଷ୍ଟିରେ ମନ୍ତ୍ରୀଙ୍କୁ ଚାହିଁ ରହିଲେ । ସାନ୍ୟାଲ୍ ସାହେବ ରକ୍ଷା ପାଇଗଲେ । ପରେ ପରେ ଭାବ ପ୍ରବଣ ନେହେରୁ ଶ୍ରମମନ୍ତ୍ରୀ ରାମଙ୍କୁ କହିଲେ କାଲି ଦିଲ୍ଲୀରେ ପହଞ୍ଚିବା ମାତ୍ରେ ଏ କାମ ପାଇଁ ଅବିଳମ୍ବେ ଟଙ୍କା ଦିଆଯିବ ଏବଂ ସାନ୍ୟାଲଙ୍କ ଆଡକୁ ଦୃଷ୍ଟି ଫେରାଇ କହିଲେ ଏ ସବୁ ବସ୍ତିରେ ନିଆଁ ଲଗାଇ ଦିଅ । ସାତଦିନ ମଧ୍ୟରେ ତୁମେ ଟଙ୍କା ପାଇଯିବ । ଉତ୍ତମ ବାସଗୃହ ନିର୍ମାଣ କରିବା ପାଇଁ ଆଜିଠାରୁ ବ୍ୟବସ୍ଥା କର । ପରେ ପରେ କାନ୍‌ପୁରର ଆବର୍ଜନ ବସ୍ତିର ଉନ୍ନତି ପାଇଁ ଅଜସ୍ର ଟଙ୍କାର ସୁଅ ଛୁଟିଲା । ହଜାର ହଜାର ଶ୍ରମିକ ବସ୍ତି ନିର୍ମାଣ କରାଗଲା । ଶ୍ରମିକ ବନ୍ଧୁ ନେହରୁ ସମଗ୍ର ଜାତିର ମାନସ ପଟରେ ଚିରକାଳ ଅମର ହୋଇ ରହିବେ ।



# ୧୪ ନଭେମ୍ବରର ଅନନ୍ୟ ଶିଶୁ





ଭାରତୀୟଙ୍କ ପାଖରେ ସେ ଯେତିକି ପ୍ରିୟ ହୋଇ ପାରିଥିଲେ ତା'ର ସୁଯୋଗରେ ସେ ଏକଚ୍ଛତ୍ରବାଦୀ ହୋଇପାରିଥାନ୍ତେ । କିନ୍ତୁ ସେ ଥିଲେ ଗଣତନ୍ତ୍ରର ଏକନିଷ୍ଠ ପୂଜାରୀ । ସମଗ୍ର ମାନବ ସମାଜରୁ ଯୁଦ୍ଧ ବିଭୀଷିକା ଦୂର କରିବା ପାଇଁ, ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ତାଙ୍କର ପ୍ରଣୀତ ପଞ୍ଚଶୀଳ ନୀତି ସର୍ବଜନ ବିଦିତ । ତେଣୁ ଜାତିର ଜନକ ମହାତ୍ମା ଗାନ୍ଧୀ ତାଙ୍କୁ ନିଜର ଯୋଗ୍ୟ ଉତ୍ତରାଧିକାରୀ ରୂପେ ବାଛି ନେଇଥିଲେ । ତାଙ୍କ ଜୀବନର ଗୋଟିଏ ଗୋଟିଏ ଘଟଣାବଳୀ ଗୋଟିଏ ଗୋଟିଏ ଶିକ୍ଷଣୀୟ ଉପାଖ୍ୟାନ ।

ପିଲାଙ୍କୁ ଅତୀବ ଭଲ ପାଉଥିଲେ ଜବାହାର । ପିଲାଙ୍କ ଉଦ୍ଦେଶ୍ୟରେ ସେ ଇଂରାଜୀ କବି ରବର୍ଟ ଫ୍ରଷ୍ଟଙ୍କ ବିଖ୍ୟାତ କବିତା 'ମାଇଲ୍ସ ଟୁ ଗୋ ବିଫୋର୍ ଆଇ ସ୍ଲିପ୍'କୁ ସମର୍ପଣ କରିଥିଲେ । ଏହି କବିତାର ଓଡ଼ିଆ ଅନୁବାଦ ହେଉଛି :

ଆଗରେ ପଡିଛି ପଥ ବହୁଦୂର
ଆହୁରୀ କେତେ ଯେ ବାକି
ଚାଲିବି ଚାଲିବି ନ ପଡିବି ଥକି
ବୁଜିବା ଆଗରୁ ଆଖି ।



ଏହି କବିତା ଜୀବନର ଲକ୍ଷ୍ୟକୁ ପ୍ରତିପାଦିତ କରିଥାଏ । ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରି ଗଢ଼ିବା ଉଦ୍ଦେଶ୍ୟରେ ନିଜ ଜୀବନର କେତୋଟି ଅଭୂଲା ସ୍ମୃତିକୁ ସେ ପିଲାମାନଙ୍କ ନିକଟରେ ବଖାଣି ବସୁଥିଲେ । ଏକଦା ଶୈଶବାବସ୍ଥାରେ ଜବାହର୍ ବାପାଙ୍କ ଅଫିସ୍ ଘରେ ପଶି ବାପାଙ୍କ ଅଜ୍ଞାତରେ ଏକ କଲମ ନେଇ ଆସିଥିଲେ, ବାପା ପଚାରିଲା ବେଳେ ମିଛ କହିଲେ । ଫଳରେ ବାପା ତାଙ୍କ ଗାଲରେ ଏକ ଶକ୍ତ ଚାପୁଡା ମାରିଥିଲେ ଏବଂ ଶିକ୍ଷା ଦେଇଥିଲେ ମିଛ କହିବା ମହାପାପ । ସେହି ଦିନଠାରୁ ଜବାହାର୍ ସଦାସର୍ବଦା ସତ୍ୟ କହିବା ପାଇଁ ଶପଥ ନେଇଥିଲେ । ବିଦେଶରେ ହାରେ ସ୍କୁଲରେ ଅଧ୍ୟୟନ ସମୟରେ ଜୋତା ପଲିସ୍ କରି ସେ ପ୍ରମାଣ କରିଦେଇଥିଲେ ଈଶ୍ୱରଙ୍କ ସୃଷ୍ଟିରେ କୌଣସି କାମ ଛୋଟ ନୁହେଁ ବା ଘୃଣ୍ୟ ନୁହେଁ । କାମକୁ ଘୃଣା କରିବା ଅର୍ଥ ନାମକୁ ଘୃଣା କରିବା ।




## ଶିଶୁ ଦିବସ ଓ ଚାଚା ନେହରୁ

ସମଗ୍ର ବିଶ୍ୱରେ ଶିଶୁଙ୍କ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଶିଶୁ ଦିବସ ପାଳନ କରାଯାଏ । ୧୯୨୦, ଏପ୍ରିଲ ୨୩ରେ ତୁର୍କିରୁ ପ୍ରଥମେ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ପରେ ଅନ୍ୟମାନେ ମଧ୍ୟ ନିଜ ନିଜ ଦେଶରେ ଶିଶୁ ଦିବସ ପାଳନ ଆରମ୍ଭ କଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ବିଶ୍ୱରେ ସର୍ବତ୍ର ନଭେମ୍ବର ୨୦ରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ । ଭାରତ ବର୍ଷରେ ଆଜିର ଦିନରେ ପାଳିତ ହୋଇଥାଏ ଶିଶୁ ଦିବସ । ଏହି ଦିନ (୧୮୮୯, ନଭେମ୍ବର ୧୪) ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ । ସେ ପିଲାମାନଙ୍କୁ ଭାରି ଭଲ ପାଉଥିଲେ । ବ୍ୟସ୍ତ ଜୀବନରୁ ଅବସର ମିଳିଲେ ପିଲାଙ୍କ ସହ ଖେଳୁଥିଲେ, ଗୀତ ଗାଉଥିଲେ ଓ ସେମାନଙ୍କୁ ଗପ ଶୁଣାଉଥିଲେ । ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ 'ଚାଚା ନେହରୁ' । ଭାରତର ଭବିଷ୍ୟତ ଆଜିର ପିଲାଙ୍କ ହାତରେ ବୋଲି ସେ କହୁଥିଲେ ।

ନେହରୁ ପିଲାଦିନୁ ପଠନ ପ୍ରିୟ ଥିଲେ । ବିଦେଶରେ ଓକିଲାତି ଶିକ୍ଷା ପରେ ନେହେରୁ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ । ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଝାସ ଦେଇଥିଲେ ସ୍ୱାଧୀନତା ଆନ୍ଦୋଳନରେ । ଏଥିପାଇଁ ତାଙ୍କୁ ଏକାଧିକବାର କାରାବରଣ କରିବାକୁ ପଡ଼ିଥିଲା । କାରାଗାରରେ ଥିବା ସମୟରେ ସେ ଲେଖାପଢ଼ାରେ ନିଜକୁ ନିୟୋଜିତ କରିଥିଲେ । ନିଜର ସମସ୍ତ ପ୍ରମୁଖ ପୁସ୍ତକର ପାଣ୍ଡୁଲିପି ବନ୍ଦୀ ଅବସ୍ଥାରେ ପ୍ରସ୍ତୁତ କରିଥିଲେ । 'ଗ୍ଲିମ୍ପସ୍ ଅଫ୍ ୱାର୍ଲ୍ଡ୍ ହିଷ୍ଟ୍ରୀ', ନିଜର ଆତ୍ମଜୀବନୀ 'ଟୁୱାର୍ଡ୍‌ସ୍ ଫ୍ରିଡ଼ମ୍' ଓ 'ଦ ଡିସ୍‌କଭରି ଅଫ୍ ଇଣ୍ଡିଆ' ରଚନା କରିଥିଲେ ବନ୍ଦୀଘରେ । ଧର୍ମ ପ୍ରତି ତାଙ୍କର କୌଣସି ଆକର୍ଷଣ ନଥିଲା । ମହାତ୍ମା ଗାନ୍ଧୀଙ୍କ ପରି ଅହିଂସାକୁ ହିଁ ସେ ନିଜର ଧର୍ମ ଭାବେ ଗ୍ରହଣ କରିଥିଲେ । ସେ କହୁଥିଲେ ଭାରତୀୟତା ତାଙ୍କର ରକ୍ତଗତ । ହିନ୍ଦୁ ଶବ୍ଦଟି ତାଙ୍କର ପସନ୍ଦ ନଥିଲା । ଭାରତ ଆର୍ଯ୍ୟଦେଶ ହୋଇଥିବାରୁ ଏହାର ଧର୍ମ 'ଆର୍ଯ୍ୟଧର୍ମ' ନାମେ ନାମିତ ହେବା ଆବଶ୍ୟକ ବୋଲି ସେ ମତ ଦେଉଥିଲେ । ତାଙ୍କର ବ୍ୟକ୍ତିଗତ ଧର୍ମ ଧାରଣା ଏବଂ ଦର୍ଶନକୁ ସେ ନିଜର ପୁସ୍ତକଗୁଡ଼ିକରେ ସ୍ପଷ୍ଟ କରିଥିଲେ । ଏହି ଗାନ୍ଧିବାଦୀ ରାଷ୍ଟ୍ରନାୟକ ୧୯୬୪ରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ଜନ୍ମ ଦିବସ ନଭେମ୍ବର ୧୪କୁ ପ୍ରତି ବର୍ଷ ଶିଶୁ ଦିବସ ଭାବେ ପାଳନ କରାଯାଉଛି ।

**ଅରୁନ୍ଧତୀ ଦେବୀ,**
**ଉଦୟଗିରି, ଯାଜପୁର**

ଏହି ମହାନ ବିଭୂତିଙ୍କର ୧୯୬୪ ମେ ୨୮ ତାରିଖରେ ତିରୋଧାନ ହୋଇଗଲା । ସାରା ବିଶ୍ୱ କାନ୍ଦି ଉଠିଲା । ବିଜେପିର ଶୀର୍ଷ ନେତା ଅଟଳ ବିହାରୀ ବାଜପେୟୀ ତାଙ୍କର ବିଲୟରେ କହିଥିଲେ : ଏକ ସ୍ୱପ୍ନ ଅଧାରେ ରହିଗଲା, ସଙ୍ଗୀତ ନିରବ ହୋଇଗଲା, ଏକ ଅଗ୍ନି ଶିଖା କେଉଁ ଅଜଣା ପଥରେ ହଜିଗଲା । ସ୍ୱପ୍ନ ଥିଲା – କ୍ଷୁଧା ଓ ଭୟରୁ ମୁକ୍ତି, ସଙ୍ଗୀତ ଥିଲା– ସଦ୍ୟ ଗୋଲାପର ବାସ୍ନା ଦେଇ ଗୀତର ବାସ୍ନା, ଶିଖା ଥିଲା– ପଥ ପ୍ରଦର୍ଶନ ପାଇଁ । ସେ ଥିଲେ ଅସମ୍ଭବ ଓ ଅପରିକଳ୍ପିତର ବିନ୍ଧାଣୀ ଯାହାର ଚେତନାରେ ଥିଲା ଏକ ସ୍ଫୁଲିଙ୍ଗ । କମ୍ୟୁନିଷ୍ଟ ନେତାମାନେ ତାଙ୍କୁ ଜେଣ୍ଟଲ୍ କଲୋସସ୍‌ର ଆଖ୍ୟା ଦେଇଥିଲେ । ଆଜି ତାଙ୍କର ଜନ୍ମ ଜୟନ୍ତୀରେ ସମସ୍ତ ରାଜନେତା ତଥା ଏ ଦେଶର ଅଗଣିତ ଜନସାଧାରଣ ଏବଂ ତାଙ୍କୁ ଭଲ ପାଉଥିବା ଅଗଣିତ ଶିଶୁମାନେ ତାଙ୍କର ଜୀବନାଦର୍ଶନରେ ନିଜକୁ ଗଢ଼ି ପାରିଲେ ଏ ବିଶ୍ୱ ଏକ ମହାନ ବିଶ୍ୱରେ ପରିଣତ ହେବ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୪ ନଭେମ୍ବର ୨୦୨୫ । ଶୁକ୍ରବାର


## ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡା, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ୨୦୨୫ ଉଦ୍‌ଯାପିତ ହୋଇଛି । ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଜୀତ ମହାନ୍ତି ଯୋଗଦାନ କରିଥିଲେ । ନିଜର ବକ୍ତବ୍ୟରେ ଶ୍ରୀମହାନ୍ତି କହିଥିଲେ ମାନବୀୟ ଗୁଣାବଳିର ବିକାଶ ଘଟିଲେ କେନ୍ଦ୍ରାପଡାର ବୈଦିକ ବିକାଶ ଘଟିବ । ବରେଣ୍ୟ ଅତିଥିଭାବରେ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦାନ କରି ବାଲିଯାତ୍ରାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦ, ଧ୍ରୁବ ଡାକ୍ତର ରାଜ୍ୟ ସମ୍ପାଦକ ଦିଲୀପ ଦାସ, ବିଜେପିର ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ଦାସ ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଯୋଗଦାନ କରି ବାଲିଯାତ୍ରାର ଦୀର୍ଘ ଜାତିଗତି ସମସ୍ତ ପ୍ରକାର ସାହାର୍ଯ୍ୟ ଓ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲା ଶ୍ରେଷ୍ଠ ସ୍ୱର୍ଣ୍ଣକାର ସମ୍ମାନ ଉତ୍ତରୀୟ, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟଅତିଥି ସମ୍ମାନୀତ କରିଥିଲେ । ବରିଷ୍ଠ ଆଇନଜୀବି ସଂଜୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପସଭାପତି ଧିରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ପ୍ରତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ସତ୍ୟବ୍ରତ ସିଂହ, ମୃତ୍ୟୁଞ୍ଜୟ ସାହୁ, ପିତବାସ ବେହେରା, ଟୁଟୁ ଗେରୁ, ରାଜୁ କୁବେର, ପଞ୍ଚାନନ ଗେରୁ, ମୃତ୍ୟୁଞ୍ଜୟ ମହାନ୍ତି, ଶ୍ରୀଧର ମହାନ୍ତି, ଗୋଲକ ପରିଡା, କରୁଣାକର ଦାସ, ଦିପକ କୁମାର ସାହୁ, କାକୁଲି ମଲ୍ଲିକ, ଅଶୋକ ସାହୁ, ପିତବାସ ଦାସ ସମେତ ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥରଲେ । ଶେଷରେ ବିକ୍ରମ ରାଉତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସଞ୍ଚୟପକ୍ଷ ପାଳନ ଅବସରରେ ଆଲୋଚନାଚକ୍ର

**କେନ୍ଦ୍ରାପଡା, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସଂଚୟ ପକ୍ଷ -୨୦୨୫ ପାଳନ ଅବସରରେ ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଡାକମଣ୍ଡଳ ଅଧିକ୍ଷକ ଦେବୀ ପ୍ରସାଦ ଶତପଥୀ ଏବଂ ଆରଏସଇଟିଆଇର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ଆଲୋଚନାଚକ୍ରରେ ଆର୍ଥିକ ସାକ୍ଷରତା ଏବଂ ସୁରକ୍ଷିତ ସଞ୍ଚୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅମ୍ବରିଶ ସାମଲ ସ୍ୱାଗତ ଭାଷଣ ପ୍ରଦାନ ସହିତ ବିଷୟବିସ୍ତୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଡାକମଣ୍ଡଳ ଅଧିକ୍ଷକ ଡାକଘରର ଥିବା ବିଭିନ୍ନ ଯୋଜନା, ଜୀବନବୀମା ଇତ୍ୟାଦି ଆଲୋକପାତ କରିଥିଲେ । ଏହି ବିଷୟରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟକ୍ରମରେ ଲୋକଙ୍କୁ ବ୍ୟାପକ ସଚେତନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହା ସହିତ କଲେଜମାନଙ୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରୟ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଆସିଷ୍ଟାଣ୍ଟ କଲେକ୍ଟର ସୋରଜ ଖିଲାର, କାର୍ଯ୍ୟାଳୟ କର୍ମଚାରୀ ସମେତ ନିବେଶମାନେ, ଛାତ୍ରଛାତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୂର୍ବରୁ ଆୟୋଜିତ ବିତର୍କ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ପରିଚାଳନା କରିଥିଲେ ।

## ବିଜେପିର ମିଶ୍ରଣ ପର୍ବ

**ରାଜନଗର, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାନବଡଗୋଳପୁରସ୍ଥିତ ବିଜେପି କାର୍ଯ୍ୟାଳୟରେ ବୁଧବାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଲଳିତକୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣପର୍ବରେ ସାନବଡଗୋପାଳପୁର ପଞ୍ଚାୟତର ସରପଞ୍ଚ ଗୋଲେଖଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ଶୈଳେନ୍ଦ୍ରକୁମାର ସ୍ୱାଇଁ, ବିଜେଡିର ପଞ୍ଚାୟତ ସଭାପତି ବିଚିତ୍ରକୁମାର ସ୍ୱାଇଁ, ୱାର୍ଡସଭ୍ୟ ଯୋଗେନ୍ଦ୍ର ସେଠୀ, ପବିତ୍ରକୁମାର ସାହୁ, ପ୍ରଫୁଲ୍ଲକୁମାର ସ୍ୱାଇଁ ଓ ମହେଶ୍ୱର ପ୍ରଧାନ, ସହଦେବ ରାଉତ, କ୍ଷୀରୋଦକୁମାର ମହାନ୍ତି, ଅଜୟ ବାରିକ, ପ୍ରଦୀପ ସାହୁ, ସନାତନ ସ୍ୱାଇଁ, ଅନାଦୀ ପ୍ରଧାନ, ଅକ୍ଷୟ ରାଉତ, ମାର୍କଣ୍ଡ ରାଉତ, ନାଲୁଚରଣ ସ୍ୱାଇଁ, ଶୁଶାନ୍ତକୁମାର ମଳିକ (ବେଙ୍ଗିଆ), ନିରଂଜନ ସ୍ୱାଇଁ, କେଦାର ସ୍ୱାଇଁ, ବିଦ୍ୟାଧର ବଳ, ଜାମିନୀକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, କୈଳାସଚନ୍ଦ୍ର ସାହୁ, ବିରକିଶୋର ପ୍ରଧାନଙ୍କ ସହ ବହୁ କର୍ମୀ ବିଜୁ ଜନତାଦଳ ପରିତ୍ୟାଗ କରି ବିଜେପି ଦଳରେ ସାମିଲ ହୋଇଥିଲେ । ବିଜେପି ନେତା ଶ୍ରୀ ବେହେରା ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ନେତା ଦିଲ୍ଲୀପ ସିଅ, ସନ୍ତୋଷ ମହାନ୍ତି, ନିମାଇଁଚରଣ ରାଉତ, ଧିରେନ ବିଶ୍ୱାଳ, ବୁଦ୍ଧଦେବ ସ୍ୱାଇଁ ପ୍ରମୁଖ ବହୁ ଆଗଧାଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ମାର୍ଶାଘାଇ, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ବିଭିନ୍ନ ପ୍ରକ୍ରିୟାକୁ ସରଳୀ କରଣ ପାଇଁ ଜିଲ୍ଲାସ୍ତରରେ ହେଉଥିବା କାର୍ଯ୍ୟକ୍ରମକୁ ବ୍ଲକସ୍ତରରେ ଆୟୋଜନ କରାଇବାର ପ୍ରୟାସ ଜାରି ରଖିଛନ୍ତି । ଯାର ସୁଫଳ ପ୍ରତି ୱାଡରେ ଥିବା ଚାଷିମାନେ ପାଇପାରିବେ । ସରକାରଙ୍କର ବିଭିନ୍ନ ଦୃଷ୍ଟାନ୍ତ ମୂଳକ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା ଓ ପ୍ରାଣୀପାଳନ ଯୋଯନାରୁ ଚାଷିମାନେ କିପରି ସିଧାସଳଖ ଉପକୃତ ହେବେ ବୋଲି ମାର୍ଶାଘାଇ ବ୍ଲକ ପରିସରରେ ଆଜି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ମେଳା ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଉପସ୍ଥିତ ଚାଷିମାନଙ୍କୁ କହିଥିଲେ । ବିଡ଼ିଓ ପଞ୍ଚାନନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ଡ଼ଃ.ଦୁର୍ଗା ପ୍ରସନ୍ନଙ୍କ ସହିତ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଏବିଡିଓ ଇତିଶ୍ରୀ ପଣ୍ଡା, ଜିଲ୍ଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, ବ୍ଲକ ସହକାରୀ ମତ୍ସ୍ୟ ସମ୍ପଦ ଅଧିକାରୀ ସୁଶ୍ରୀ ସଙ୍ଗୀତ ଦେ ଓ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବିନୟ କୁମାର ସାହୁ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଏହାର ସୁଫଳ କିପରି ଲୋକମାନେ ପାଇ ପାରିବେ ସମ୍ପର୍କରେ  ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଧାୟକ ଶ୍ରୀନାୟକ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଦିବ୍ୟ ରଶ୍ମି ନାୟକ ମଞ୍ଚ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଛ ଚାଷ ଏବଂ ଛେଳି, କୁକୁଡ଼ା, ଗୋପାଳନ କରି ଉପକୃତ ହୋଇଥିବା ୭ଜଣ ସଫଳ ଚାଷୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଏମାନଙ୍କ ମଧ୍ୟରେ କୁକୁଡ଼ା ଚାଷୀ ହାତିଆ ଗ୍ରାମର ସତ୍ୟଜିତ ବେହେରା, ମାଛ ଚାଷୀ କୁହୁଡି ଗ୍ରାମର କରୁଣାକର ଜେନା, ଛେଳି ଚାଷୀ ହାତିଆ ଗ୍ରାମର ଶୈଳବାଳା ସାହାଣୀ, ଘୁଷୁରୀ ପାଳନ ପାଇଁ ମାଣିକପୁର ଗ୍ରାମର ତୀର୍ଥାସୀ ମାହାଳି, ଗୋଷ୍ଠୀ ମାଛ ଚାଷ ପାଇଁ ଶିଳିପୁର ଗ୍ରାମର ସିଦ୍ଧ ହରେକୃଷ୍ଣ ସ୍ୱୟଂ ସହାୟିକା ସଂଘ, ଏମପିୱାଇସି ୧ ପାଇଁ ଧବକଟା ଗ୍ରାମର ଗିରିଧାରୀ ନାୟକ ଓ ଏମପିୱାଇସି ୨ ଯୋଜନା ପାଇଁ ଅଙ୍ଗୁଲାଇ ଗ୍ରାମର ବିଶ୍ୱ ପ୍ରକାଶ ପାଣିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଶାନ୍ତ ସେଠୀ, ସରୋଜକାନ୍ତ ସାହୁ, କୁମରକାନ୍ତ ମହାନ୍ତି, ରଶ୍ମି ରଞ୍ଜନ ରାଉତରାୟ, ଉମାକାନ୍ତ ପରିଡାଉପେନ୍ଦ୍ର ପରିଡା, ହିରଣ୍ୟ ମହାପାତ୍ର, ଗଙ୍ଗାଧର ସାମଲ, କ୍ରିଷ୍ଣପଦ ମଣ୍ଡଳଏଥିରେ ସହଯୋଗ କରିଥିଲେ ।

## ଭାରତର ଶକ୍ତି ଭବିଷ୍ୟତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଓଡ଼ିଶା ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ମାସ ୫ରୁ ୭ ତାରିଖ ପର୍ଯ୍ୟନ୍ତ ପୁରୀ ଠାରେ ବିଶ୍ୱ ଶକ୍ତି ନେତାଙ୍କ ସମ୍ମିଳନୀ (ଜିଇଏଲଏସ) ୨୦୨୫ ଆୟୋଜିତ ହେବାକୁ ଯାଉଛି । ପ୍ରକୃତି ଏବଂ ନବସୃଜନ ମଧ୍ୟରେ ସମନ୍ୱୟର ପ୍ରତୀକ ସ୍ୱରୂପ ଏହି କାର୍ଯ୍ୟକ୍ରମର ଲୋଗୋ କେନ୍ଦ୍ର ଶକ୍ତି ଏବଂ ନୂତନ ଓ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯେସୋ ନାୟକ, କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ (ଶକ୍ତି, କୃଷି ଏବଂ କୃଷକ ସଶକ୍ତିକରଣ), ଓଡ଼ିଶାଙ୍କ ଦ୍ୱାରା ଆଜି ନୂଆଦିଲ୍ଲୀ ଠାରେ ଉନ୍ମୋଚିତ ହୋଇଛି । ଏତଦବ୍ୟତୀତ ଏହି ସମ୍ମିଳନୀ ପାଇଁ ଏକ ୱେବସାଇଟ୍ www.gelsodisha2025.com ମଧ୍ୟ ଉନ୍ମୋଚିତ ହୋଇଛି । ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଭାରତକୁ ଶକ୍ତି ପ୍ରଦାନ: ପର୍ଯ୍ୟାପ୍ତ, ସନ୍ତୁଳନ ଓ ନବସୃଜନ' । ଏହି ତିନୋଟି ପରସ୍ପର ସଂଲଗ୍ନ ପ୍ରାଥମିକତା ପର୍ଯ୍ୟାପ୍ତ ଶକ୍ତି ସୁନିଶ୍ଚିତ କରିବ, ପରିବେଶ ଓ ଅର୍ଥନୈତିକ ସନ୍ତୁଳିତ କରିବ ଏବଂ ନବୀକରଣୀୟ ଶକ୍ତିକ୍ଷେତ୍ରରେ ଅଭିନବ ସମାଧାନକୁ ପ୍ରୋତ୍ସାହିତ କରିବ । ଗ୍ଲୋବାଲ ଏନର୍ଜି ଲିଡର୍‌ସ ସମ୍ମିଳନୀ ଭାରତର ସବୁଜ ଶକ୍ତି ଭବିଷ୍ୟତକୁ ଆଗେଇ ନେବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ଶକ୍ତି ମନ୍ତ୍ରୀ ଓ ସଚିବ, ନୀତି ନିର୍ମାତା, ଉଦ୍ଭାବକ, ଗବେଷକ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରିବ । ଏହି ଶିଖର ସମ୍ମିଳନୀ ବିଭିନ୍ନ ରାଜ୍ୟର ଶକ୍ତି ନେତାମାନଙ୍କ ସହିତ ଜାତୀୟ ଏବଂ ବିଶ୍ୱସ୍ତରୀୟ ନେତାମାନଙ୍କ ମଧ୍ୟରେ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ । ଏହା ଭାରତରେ ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ସହିତ ଯୋଗାଣର ନିର୍ଭରଯୋଗ୍ୟତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବ, ପରିବେଶଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖିବା ସହିତ ଆପତ୍ତିବିହୀନ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ସୀମାନ୍ତ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଉପକରଣ ମାଧ୍ୟମରେ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବ । ଏହି ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ ହେବ ଶକ୍ତି କ୍ଷେତ୍ରରେ ସମସାମୟିକ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ କରିବା । ଆଲୋଚନାର ବିଷୟଗୁଡ଼ିକ ମଧ୍ୟରେ କ୍ଷୁଦ୍ର ଏବଂ ମଡ୍ୟୁଲାର ପରମାଣୁ ପ୍ଲାଣ୍ଟ, ସବୁଜ ହାଇଡ୍ରୋଜେନ୍, ଗ୍ରୀଡର ଡିଜିଟାଲ ସୁରକ୍ଷା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି କାନପୁର (ଆଇଆଇଟିକେ) ସହିତ ସହଭାଗୀତାରେ ଏହି ଉଚ୍ଚ-ପ୍ରଭାବଶାଳୀ ସମ୍ମିଳନୀ ଆୟୋଜିତ ହେଉଛି ।

ଏହା ପ୍ରଥମଥର ପାଇଁ ଏପରି ଏକ ଦେଶବ୍ୟାପୀ ପଦକ୍ଷେପ ହେବ । କେନ୍ଦ୍ର ଶକ୍ତି ଏବଂ ନୂତନ ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ ଓଡ଼ିଶାର ଏହି ପଦକ୍ଷେପକୁ ସ୍ୱାଗତ କରି କହିଛନ୍ତି ଯେ 'ପର୍ଯ୍ୟାପ୍ତ ଶକ୍ତି ଯୋଗାଣ କେବଳ ଚାହିଦା ପୂରଣ କରିବାରେ ସୀମିତ ନୁହେଁ ବରଂ ନିର୍ଭରଯୋଗ୍ୟ  ଓ ସ୍ଥିରତା ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ କରିବା ପାଇଁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।' ଶ୍ରୀ ନାଏକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସମ୍ମିଳନୀ 'ଏକ ନବସୃଜନ-ଚାଳିତ, ସ୍ଥାୟୀ ଶକ୍ତି ଭବିଷ୍ୟତ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।' ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶା ବିଶ୍ୱ ନେତୃତ୍ୱଙ୍କୁ ଏକାଠି କରି ଏହି ସ୍ତରର ଏକ ସମ୍ମିଳନୀ ଆୟୋଜନ କରି ଗର୍ବିତ । 'ଗ୍ଲୋବାଲ ଏନର୍ଜି ଲିଡର୍‌ସ ସମ୍ମିଳନୀ ମାଧ୍ୟମରେ, ଆମେ ଏକ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଲକ୍ଷ୍ୟରେ ଅନୁପ୍ରାଣିତ ହୋଇ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିପାରିବେ ଏବଂ ନବସୃଜନକୁ ପ୍ରଗତିରେ ପରିଣତ କରିପାରିବେ,' । ମାଲେସିଆ, ଇଣ୍ଡୋନେସିଆ, ସିଙ୍ଗାପୁର ଏବଂ ଭୁଟାନ ଭଳି ଅନ୍ୟ ଦେଶର ଶକ୍ତି ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଛି ଏବଂ ସେମାନେ ଯୋଗ ଦେବେ ବୋଲି ଆଶା କରାଯାଉଛି । ଭାରତ ଓ ବିଦେଶରୁ ବହୁ ବିଶେଷଜ୍ଞ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟର ପ୍ରସିଦ୍ଧ ଅନ୍ତର୍ଜାତୀୟ ବିଶେଷଜ୍ଞ ଗାରେଥ ୱାଲ୍ସ, ପିଏରେ ନୋଏଲ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ।

## ରାଜ୍ୟ ସରକାରଙ୍କ ଭୂସଂସ୍କାର ନୀତିର ପରିବର୍ତ୍ତନକୁ ଓଡିଶା ରାଜସ୍ୱ ଅମଲା ସଂଘର ସ୍ୱାଗତ

**ନବରଙ୍ଗପୁର, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ଦୋବସ୍ତ ପୂର୍ବରୁ କିଣା ଯାଇଥିବା ଜମି ବନ୍ଦୋବସ୍ତ ସମୟରେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭୁଲ ପଟ୍ଟାକୁ ନିର୍ଭୁଲ ଭାବରେ ସଂଶୋଧନ କରିବା ପାଇଁ ପ୍ରଥମେ କ୍ରେତାମାନେ ରାଜସ୍ୱ ପାରିଷଦ, କଟକର ଦ୍ୱାରସ୍ଥ ହେବାକୁ ପଡୁଥିଲା । ପରବର୍ତ୍ତୀ ସମୟରେ ସରକାର ସେହି କାର୍ଯ୍ୟକୁ ରାଜସ୍ୱ ଆୟୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । କିନ୍ତୁ ସମସ୍ତ ଲୋକ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ପହଞ୍ଚି କାର୍ଯ୍ୟ ସମାପନ କରିବା ସମ୍ଭବପର ହେଉନଥିଲା, ଫଳ ସ୍ୱରୂପ ବହୁତ ଗୁଡିଏ ରାଜସ୍ୱ ମାମଲାର ତୁରନ୍ତ ଫଇସଲା ହୋଇପାରୁନଥିଲା । ଯଦ୍ୱାରା କି ଲୋକେ ବହୁତ ଅର୍ଥ ଖର୍ଚ୍ଚ କରି ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସରକାର ତାକୁ ଆହୁରି ସରଳିକରଣ କରିବା ପାଇଁ ୨୦୧୭ ମସିହା ଠାରୁ ଜିଲ୍ଲାପାଳମାନଙ୍କୁ, କ୍ଷମତା ପ୍ରଦାନ କରିଥିଲେ । ଜିଲ୍ଲାପାଳମାନଙ୍କ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲ ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହୁଥିବା ସହିତ ଜିଲ୍ଲା ସଦର ମହକୁମାକୁ ବାରମ୍ବାର ଦୌଡି ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସଦୃଶ, ଜନସାଧାରଣଙ୍କୁ ତୁରନ୍ତ ନ୍ୟାୟ ଯୋଗାଇଦେବା ନିମନ୍ତେ ତହସିଲଦାରମାନଙ୍କୁ ସଂଶୋଧନ କ୍ଷମତା ପ୍ରଦାନ କରିଛନ୍ତି, ଏହାଦ୍ୱାରା ସମ୍ପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାରମାନଙ୍କ ପାଖରେ ଆବେଦନ କରିପାରିବେ, ଏହାଦ୍ୱାରା ଜଣସାଧାରଣ ସମୟ ସୀମା ଭିତରେ ତୁରନ୍ତ ନ୍ୟାୟ ପାଇପାରିବେ । ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଓଡିଶା ରାଜସ୍ୱ ଅମଲା ସଂଘର ଅଧ୍ୟକ୍ଷ ଲୋକେଶ୍ୱର ସାହୁ, ସଭାପତି ତ୍ରିପତି ବାଲାଜି ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ଆବାହକ କୈଳାଶ ଚନ୍ଦ୍ର ଦାଶ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଦେବା ସହ ତହସିଲ କାର୍ଯ୍ୟାଳୟମାନଙ୍କରେ ଏଥି ସମ୍ବନ୍ଧୀୟ ଆବଶ୍ୟକୀୟ ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି ।

## କାମାକ୍ଷାନଗରରେ ସାଂସଦ କ୍ରୀଡା ମହୋତ୍ସବ

**ଢେଙ୍କାନାଳ, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ଠାରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଏହି ଉତ୍ସବକୁ ଉଦଘାଟନ କରିଛନ୍ତି । ଏଥିରେ କାମାକ୍ଷାନଗର ବିଧାନସଭା କ୍ଷେତ୍ରର ବିଭିନ୍ନ ସ୍କୁଲର କନିଷ୍ଠ ବିଭାଗରେ ୧୪ରୁ ୧୭ ବର୍ଷ ଏବଂ ବରିଷ୍ଠ ବିଭାଗରେ ୧୮ରୁ ୨୩ ବର୍ଷ ପାଇଁ କ୍ରୀଡ଼ା ପ୍ରତିଯୋଗୀମାନେ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଫିଟ୍ ଇଣ୍ଡିଆ' ଏବଂ 'ଖେଲୋ ଇଣ୍ଡିଆ' ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ । ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଥିବା ୭ଟି ବିଧାନସଭା କ୍ଷେତ୍ରରେ ଏହି ସାଂସଦ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଗ୍ରାମାଞ୍ଚଳର ଲୋକାୟତ ପ୍ରତିଭାକୁ ବିଶ୍ୱ ଦରବାରରେ ଆଣିବା ସହ ଭାରତକୁ କ୍ରୀଡା କ୍ଷେତ୍ରରେ ଆଗକୁ ନେବାର ବ୍ୟବସ୍ଥା ରହିଛି ।

## ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନମେଳା

**ଖୋର୍ଦ୍ଧା, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ଥାନୀୟ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ଏକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ ୪୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ୍ୟା ସୁଜାତା ଚ଼କ୍ର ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ତଥା ବିଚାରକ ଭାବେ ପି.ଏନ୍ ଅଟନୋମସ୍ କଲେଜର ପଦାର୍ଥ ବିଜ୍ଞାନର ଅଧାପକ ସୁବୋଧ କୁମାର ଜଗଦ୍ଦେବ, ବିଚାରକ ଭାବେ ବିଜେବି ଉଚ୍ଚ ବିଦ୍ୟାଳୟର ଅଧକ୍ଷ୍ୟା ଡଃ.ସବିତା ଦାସ୍ ଯୋଗ ଦେଇଥିଲେ । ବାଲ୍ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀରେ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି, ଶ୍ରେଣୀ -ଏକାଦଶ (ମନୋରଞ୍ଜନ ଗାଣିତିକ ପ୍ରତିରୂପ)ରେ ପ୍ରଥମ, ରିତେଶ ଭୁଜବଳ, ଶ୍ରେଣୀ ଅଷ୍ଟମ (ଉନ୍ନତ ଚାଷ)ରେ ଦ୍ୱିତୀୟ ଓ ପ୍ରିୟଙ୍କା ପ୍ରୀୟଦର୍ଶନୀ ସାହୁ, ଶ୍ରେଣୀ - ସପ୍ତମର(ସବୁଜ ଶକ୍ତି)ରେ ତୃତୀୟ ହୋଇଥିଲେ ।ଠିକ୍ ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ପ୍ରଥମରେ ଶିବପ୍ରସାଦ ମହାନ୍ତି, ଶ୍ରେଣୀ ଅଷ୍ଟମ, ଦ୍ୱିତୀୟରେ ଶ୍ରୀୟାଁଶ ପାଣିଗ୍ରାହୀ, ଶ୍ରେଣୀ ସପ୍ତମ ଓ ତୃତୀୟରେ ଅଂଶୁମାନ ବଳିଆର ସିଂହ ହୋଇଥିଲେ । ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ଅନିନ୍ଦିତା ସାହୁ ମାର୍ଗ ଦର୍ଶକ ଭାବେ ଦାୟିତ୍ୱ ତୁଲାଇଥିଲେ । ଶିବ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚ଼ାରୀ ବୃନ୍ଦ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ବିଦ୍ୟାଳୟର ରୌପ୍ୟଜୟନ୍ତୀ ନେଇ ମଶାଲ ଶୋଭାଯାତ୍ରା



**ଖଣ୍ଡପଡ଼ା, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାମନ୍ତ ଚ଼ନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ପାଳନ ଅବସରରେ ଏକ ମଶାଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ାର ଆରାଧ୍ୟ ମା ଉମାଦେବୀଙ୍କ ପୀଠ ପରିସରରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଚ଼ିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ ମୁଖ୍ୟଅତିଥି ରୁପେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଆଚ଼ାର୍ଯ୍ୟ ବିଷ୍ଣୁପ୍ରସାଦ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଗହଣରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତେବେ ରୌପ୍ୟଜୟନ୍ତୀ ଉତ୍ସବ ପାଳନର ପ୍ରଥମ ପର୍ବ ମଶାଲ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ ରୌପ୍ୟଜୟନ୍ତୀ ଉତ୍ସବ ଉଦଯାପିତ ହେବ ବୋଲି ଜଣାପଡିଛି ।

## ବ୍ରହ୍ମାକୁମାରୀସ୍, ଶାନ୍ତିକୁଣ୍ଡରେ ସାମ୍ବାଦିକ ସମ୍ମିଳନୀ

**ବ୍ରହ୍ମପୁର, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**




ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ, ଗିରିରୋଡ ପ୍ରାଙ୍ଗଣରେ ବୁଧବାର ପୂର୍ବାହ୍ନରେ ଖ୍ୟାତନାମା ଆଧ୍ୟାତ୍ମିକ ମାର୍ଗଦର୍ଶିକା, ଜୀବନ ପରିଚ଼ାଳନା ବିଶେଷଜ୍ଞା, ଅନ୍ତରାଷ୍ଟ୍ରୀୟ ପ୍ରେରଣା ଦାୟକ ଅଭିଭାଷିକା ତଥା ବରିଷ୍ଠ ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ଶିବାନୀ ଦିଦିଙ୍କ ପ୍ରଥମଥର ପାଇଁ ବ୍ରହ୍ମପୁର ସହରରେ ପଦାର୍ପଣ ସକାଶେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ସବଜୋନ ସଂଚ଼ାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା, ଶିବାନୀ ଦିଦିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରି କହିଥିଲେ ଯେ ଭଗ୍ନୀ ଶିବାନୀ ହେଉଛନ୍ତି ଏକାଧାରରେ ଜଣେ ଲେଖିକା, ଦାର୍ଶନିକା ତଥା ଅନେକାନେକ ସିନେମା ଏବଂ କ୍ରୀଡା ଜଗତର ଅଭିନେତା ତଥା ସାଧାରଣ ଜନତାଙ୍କ ଆଧ୍ୟାତ୍ମିକ ଗୁରୁ । ସେ ନିଜ ଧାରଣାମୟ ଜୀବନର ଅନୁଭବ, ରାଜଯୋଗ ଧ୍ୟାନ ଏବଂ ସୁପ୍ରବନ୍ଧନ ନେତୃତ୍ୱ ଦ୍ୱାରା ବାହ୍ୟଚାପ ବା ଅତ୍ୟଧିକ ନକରାତ୍ମକ ମାନସିକ ଚିନ୍ତା ବା ଚ଼ାପ କିପରି ଶରୀରକୁ ରୋଗାକ୍ରାନ୍ତ ତଥା ଭାରାକ୍ରାନ୍ତ କରିଥାଏ ଏବଂ ଏଥିରୁ ମୁକ୍ତି ପ୍ରାପ୍ତ କରି କିପରି ବର୍ତ୍ତମାନର ଜଟିଳ ଦୁଃଖମୟ ସମାଜରେ ରହି ମଧ୍ୟ ସୁଖ, ଶାନ୍ତି, ଆନନ୍ଦମୟ ଜୀବନଯାପନ କରିପାରିବ ସେ ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥାଆନ୍ତି । ଶିବାନୀ ଅନେକ ଦର୍ଶକଙ୍କ ପ୍ରଶ୍ନର ଉତ୍ତର ସମ୍ପର୍କିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକମାନଙ୍କର ହୃଦୟକୁ ଜିତି ପାରିଛନ୍ତି । ଶିବାନୀ ଭାରତ ତଥା ସମଗ୍ର ବିଶ୍ୱର ବିଶାଳ ଜନସମୁଦ୍ରକୁ ନିଜ ମନସ୍ତାତ୍ୱିକ, ଦାର୍ଶନିକ, ସାମାଜିକ ତଥା ଆଧ୍ୟାତ୍ମିକ ଚିନ୍ତାଧାରାର ପ୍ରତିଫଳନ ବା ଛାପ ପ୍ରଦର୍ଶିତ କରି ଆସୁଛନ୍ତି । ଏପରି ଜଣେ ବିଶ୍ୱପ୍ରଖ୍ୟାତ ରାଜଯୋଗ ପ୍ରଶିକ୍ଷକା ଶିବାନୀ ଦିଦି ଆସନ୍ତା ୧୯ତାରିଖ ବୁଧବାର ସନ୍ଧ୍ୟା ୫ଘଣ୍ଟା ସମୟରେ ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମଠାରେ 'ଆଧୁନିକ ଜଗତରେ ଭାବନାତ୍ମକ ବ୍ୟକ୍ତିତ୍ୱ' ସମ୍ପର୍କୟ ଆଧ୍ୟାତ୍ମିକ ପ୍ରବଚ଼ନ ପ୍ରଦାନ କରିବେ । ତତପୂର୍ବରୁ ବରିଷ୍ଠ ପ୍ଲେବ୍ୟାକ ସିଙ୍ଗର ହରିଶ୍ ମୋୟାଲ୍ ଏକ ଅଦ୍ଭୁତ ସଙ୍ଗୀତମୟ କାର୍ଯ୍ୟକ୍ରମରେ ଯୋଗ ଦବେ । ତତପରେ ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମାଇଣ୍ଡ ଟ୍ରେନର ମାଉଣ୍ଟ ଆବୁସ୍ଥ ରାଜଯୋଗୀ ବ୍ରହ୍ମାକୁମାର ଶକ୍ତିରାଜ ରାଜଯୋଗ ମେଡିଟେସନ୍ ଶିବିର କାର୍ଯ୍ୟକ୍ରମରେ ଯୋଗଦବେ । ଏଣୁ ବ୍ରହ୍ମପୁର ସହରର ଆଧ୍ୟାତ୍ମିକ ପ୍ରେମୀ ଜନସାଧାରଣ ପଞ୍ଜିକରଣ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଲାଭାନ୍ୱିତ ହେବା ସକାଶେ ବି.କେ ମାଳା ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ଉପସ୍ଥିତ ସାମ୍ବାଦିକମାନଙ୍କୁ ରାଜଯୋଗ ଦ୍ୱାରା ସୁଖ, ଶାନ୍ତି, ପବିତ୍ରତାର ଅନୁଭବ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ଲକ୍ଷ୍ମୀ ପରିଚ଼ାଳନା ପୂର୍ବକ ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଶାନ୍ତି, କଳହ, ଈର୍ଷା, ଦ୍ୱେଷ, ଦ୍ୱନ୍ଦ ତଥା ଯୁଦ୍ଧମୟ ପରିସ୍ଥିତି ସମୟରେ ବ୍ରହ୍ମାକୁମାରୀ ସଂଗଠନ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନେକ ଆତ୍ମାଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣୀତ କରିପାରିବ ବୋଲି କହିଥିଲେ ।

## ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଏବେ ବି ବଞ୍ଚିଛି

**ଭୁବନେଶ୍ୱର/ଖରସୁଆଁ, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଖରସୁଆଁସ୍ଥିତ କାଳୀ ମନ୍ଦିର ସଭା ଭବନଠାରେ ବରିଷ୍ଠ ଅଧିବକ୍ତା ଆଶୁତୋଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଖରସୁଆଁର ବିଶିଷ୍ଟ ଓଡ଼ିଆପ୍ରେମୀ ହରିଶ୍ଚନ୍ଦ୍ର ଆଚାର୍ଯ୍ୟ, ଡଃ ନାଗେଶ୍ୱର ପ୍ରଧାନ, ଜ୍ୟୋତିଲାଲ ସାହୁ, କାର୍ତ୍ତିକ ପରିଚ୍ଛା, ପ୍ରଭାକର ମଣ୍ଡଳ ଓ ସୁଶୀଳ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ବୋଧନ ଦେଇ କହିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବେ ବି ଖରସୁଆଁ, ଷଢେଇକଳା ଓ ସିଂହଭୂମିରେ ବଞ୍ଚିରହିଛି ଏବଂ ଆଗାମୀ ଦିନରେ ବଞ୍ଚି ରହିବ ମଧ୍ୟ । ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ଓ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, ଖରସୁଆଁବାସୀଙ୍କର ସ୍ନେହ, ଶ୍ରଦ୍ଧା ଓ ବନ୍ଧୁ ବତ୍ସଳତାରେ ଆମ୍ଭେମାନେ ଅଭିଭୂତ । ଅନ୍ୟମାନଙ୍କ ମଧ୍ୟରେ ବିରଜା ପ୍ରସାଦ ଶତପଥୀ, ଶରତ ଚନ୍ଦ୍ର ରଥ, ଚକ୍ରଧର ଦାଶ, ଆରତି କର, ବାସନ୍ତୀ ତ୍ରିପାଠୀ, ବିଜୟ କୁମାର ମହାନ୍ତି, ସୁଶିଳ ମହାପାତ୍ର, ରାମନାରାୟଣ ମିଶ୍ର, କୈଳାଶ ଚନ୍ଦ୍ର ରଥ, ଶ୍ରୀବାସ ମହାପାତ୍ର, ବଂଶୀଧର ସେଠୀ ଓ ସୁବାସ ବେହେରା ପ୍ରମୁଖ ଆଜିର କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏକ ଅବିସ୍ମରଣୀୟ ଦିନ ବୋଲି କହିଥିଲେ । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ସାହିତ୍ୟ, ସଂସ୍କୃତି କିପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତିଷ୍ଠି ରହିଛି, ତାହାର ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇଥିଲେ । ଏହି ଅବସରରେ ନ୍ୟାସୀ ମଣ୍ଡଳର ପ୍ରତିଷ୍ଠାତା ସମ୍ପାଦକ ପର୍ଶୁରାମ ଦ୍ୱିବେଦୀଙ୍କର ଦୀର୍ଘ ନାରାମୟ ଜୀବନ ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଓଡ଼ିଶା ସରକାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ବିଶେଷ ପ୍ରୋତ୍ସାହନ ଦେବା ପାଇଁ ସଭାରେ ବକ୍ତାମାନେ ଦାବି କରିଥିଲେ ।

ନ୍ୟାସୀ ମଣ୍ଡଳ ତରଫରୁ ବର୍ଣ୍ଣବୋଧ, ଲକ୍ଷ୍ମୀପୁରାଣ ଓ ସୁଦଶା ବ୍ରତ ପୁସ୍ତକ ବିତରଣ କରାଯାଇଥିଲା । ଏହି ଅବସରରେ ପ୍ରଫେସର ଡଃ ଶରତ ଚନ୍ଦ୍ର ରଥଙ୍କ ରଚିତ ପୁସ୍ତକ 'ମହାପ୍ରଭୁ ଶ୍ରୀଜଗନ୍ନାଥ' ଅତିଥିମାନଙ୍କ ଉନ୍ମୋଚନ ହୋଇଥିଲା । ଶେଷରେ ଅଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ମାଧବାନନ୍ଦ ଶତପଥୀ ଓ ସୁମନ୍ତ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ



**କେନ୍ଦୁଝର, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାରେ ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ଏହି ପଦଯାତ୍ରା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରୁ ଉତ୍ସାହର ସହିତ ଆରମ୍ଭ ହୋଇ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟନା ବିଧାୟକ ଅଖିଳ ଚ଼ନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ଼ଡି ଓ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ ଯୋଗ ଦେଇଥିଲେ । ବହୁ ସଂଖ୍ୟକ ଛାତ୍ର, ସ୍ୱେଚ୍ଛାସେବକ ଏବଂ ନାଗରିକ ସର୍ଦ୍ଦାର ପଟେଲଙ୍କ ଜୀବନ ଏବଂ ଅବଦାନ ଦ୍ୱାରା ଅନୁପ୍ରାଣିତ ବ୍ୟାନର ଏବଂ ସ୍ଲୋଗାନ ଧରି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାଂସଦ ଶ୍ରୀ ନାୟକ ଭାରତର ଏକତାର ସ୍ଥପତି ଭାବରେ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମୃତିଚ଼ାରଣ କରିବା ସହ ଉପସ୍ଥିତ ସମସ୍ତଙ୍କୁ ତାଙ୍କ ସମର୍ପଣ, ସେବା ଏବଂ ଜାତୀୟ ସଦ୍ଭାବର ମୂଲ୍ୟବୋଧକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆତ୍ମାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତି ଏବଂ ଶାନ୍ତି ପାଇଁ ସାମୂହିକ ଭାବରେ କାମ କରିବା ପାଇଁ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଏକ ଶପଥପାଠ ଉତ୍ସବ ସହିତ ଏକତା ପଦଯାତ୍ରା ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚ଼ାଳନା କରିଥିଲେ ।

## ପୁସ୍ତକ ଗଛ ସହ କଥା ହେବା ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ, ୧୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ଡାଃ.ମନୋରଜନ ଦାଶଙ୍କ ଦଶମ କବିତା ସଂକଳନନ୍ତ ଗଛ ସହ କଥା ହେବା ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ଉକ୍ତ ଉନ୍ମୋଚନ ଉତ୍ସବରେ କଥାକାର ତଥା ପ୍ରାବନ୍ଧିକ ଅଧାପକ ଡ଼ଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ହିଁ ଆମର ଅମୂଲ୍ୟ ସମ୍ପତି, ତା'ର ସୁରକ୍ଷା ପ୍ରତି ପ୍ରତ୍ୟେକଙ୍କର ଦାୟିତ୍ୱ । ସଂପ୍ରତି ପାଣିପାଗ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ଉକ୍ଟ ସ୍ଥିତିରେ ପହଁଚିଛି । ଏଣୁ ସମାଜର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସନ୍ତୁ । ପ୍ରାରମ୍ଭରେ ବିଭିନ୍ନ ସମସ୍ୟା ଉପୁଜିପାରେ । କିନ୍ତୁ ଭବିଷ୍ୟତରେ ଏହା ଦୈନନ୍ଦିନ କାର୍ଯ୍ୟରେ ପରିଣତ ହୋଇଯିବ । ଆଗାମୀ ପିଢ଼ିକୁ ଏକ ସୁସ୍ଥ, ସୁନ୍ଦର ତଥା ସବୁଜ ପରିବେଶ ଭେଟି ଦେବାକୁ ହେଲେ ଆମକୁ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ରମେଶ ଚନ୍ଦ୍ର ମାଝି ଯୋଗଦାନକରି ପୃଥିବୀ ଉପରେ ଅନେକ ପ୍ରାଣୀ, ଉଦ୍ଭିଦ, ଗଛ-ଗଛାଳି ଓ ମାନବ ବସୁଛନ୍ତି । ଏହି ମଧ୍ୟରୁ ଗଛ ହେଉଛି ପ୍ରକୃତିର ସବୁଠୁ ବଡ଼ ଉପହାର ଓ ଆମର ନିଜ ବନ୍ଧୁ । ଗଛ ଆମକୁ ଶୁଦ୍ଧ ବାୟୁ, ଛାୟା, ଫଳ, କାଠ ଓ ଔଷଧ ଦିଏ । ଗଛ ବିନା ପୃଥିବୀରେ କୌଣସି ଜୀବ ରହିପାରିବ ନାହିଁ । ତେଣୁ ଗଛକୁ ଆମେ ପ୍ରାଣ ଭଳି ମାନିବା ଉଚିତ ବୋଲି କହିଥିଲେ । କବି ଗୌରହରି ବିଶ୍ୱାଳ ଯୋଗଦେଇ ଗଛ କେବଳ ଏକ ଉଦ୍ଭିଦ ନୁହେଁ ଏହା ଏକ ଜୀବନ ଓ ଦାୟିତ୍ୱ । ଗଛକୁ ଆମ ଜୀବନର ସାଥୀ ଓ ବନ୍ଧୁ ଭାବେ ଗ୍ରହଣ କରି ଗଛ ଲଗାଇବା ଓ ପାଳନ କରିବା ଆମର କର୍ତ୍ତବ୍ୟ ଭାବିଲେ ଗଛ ବନ୍ଧୁକୁ ଆମେ ଆଦର କରି ରକ୍ଷା କରିପାରିବା । ଯେଉଁ ଦିନ ଆମେ ଗଛକୁ ମାନବ ଜୀବନର ଅଂଶ ଭାବେ ଦେଖିବୁ, ସେବେ ଠାରୁ ପୃଥିବୀ ଖୁସି, ଶାନ୍ତି ଓ ସମୃଦ୍ଧିର ଦିଗରେ ଆଗକୁ ବଢ଼ିବ । ସେହିପରି ଗଛ ସହ ଆତ୍ମୀୟତା ଯୋଡ଼ି ଦେଇ କବି ଡାଃ ଦାଶଙ୍କ ଭଳି ଗଛ ସହ କଥା ହେବାକୁ ପଡିବ ବୋଲି ସେ ଭାବାତ୍ମକ ଓ ମାର୍ମିକ ମତବ୍ୟକ୍ତ କରିଥିଲେ । ପରିବେଶବିତ୍ ଗୀତାଞ୍ଜଳୀ ଦାଶ କବିଙ୍କର ପୁସ୍ତକ ନ୍ତଗଛ ସହ କଥା ହେବାକୁ ସମୀକ୍ଷା କରିଥିଲେ । ଏହାପରେ ପରିବେଶ ଭିତ୍ତିକ ଏକ ମନୋଜ୍ଞ କବିତା ପାଠୋତ୍ସବରେ କବି ସସ୍ମିତ ମହାପାତ୍ର, ଆକାଶ ପଟ୍ଟନାୟକ, ଅଧାପିକା ରାଜଶ୍ରୀ ପାଲ୍ ଓ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 14th November, 2025 Friday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଡେଉଁରିଆର ପ୍ରଭାବ

ହେଲ୍ଥ



ଟନିକ୍

ଜଣେ ବ୍ୟକ୍ତି ବାବାଙ୍କ ପାଖକୁ ଯାଇ କହିଲେ- ବାବା, ମୋ ପ୍ରତି ମୋ ସ୍ତ୍ରୀର ଆଦୌ କୌଣସି ଆକର୍ଷଣ ନାହିଁ। ଆପଣ କିଛି ଗୋଟେ କରନ୍ତୁ।

ବାବା ତାକୁ ୩ଦିନ ପରେ ଆସିବାକୁ କହିଲେ।

ଉକ୍ତ ବ୍ୟକ୍ତି ୩ଦିନ ପରେ ବାବାଙ୍କ ପାଖକୁ ଯିବାରୁ ବାବା ତାଙ୍କୁ ଗୋଟେ ଡେଉଁରିଆ ଦେଇ କହିଲେ- ଏଇଟାକୁ କଳା ସୂତାରେ ପିନ୍ଧିବ। ଏହାକୁ ପିନ୍ଧିଲେ ଡେଉଁରିଆ ଇଫେକ୍ଟ ଜାଣିପାରିବ।

କିଛିଦିନ ପରେ ଉକ୍ତ ବ୍ୟକ୍ତି ବାବାଙ୍କୁ ଦେଖା କରିବାରୁ ବାବା ପଚାରିଲେ- କ'ଣ ଏହି ଡେଉଁରିଆର ଇଫେକ୍ଟ କ'ଣ ଜାଣିପାରୁଛ ?

ବ୍ୟକ୍ତି ଜଣକ କହିଲା- ହଁ ବାବା, ଜାଣିପାରୁଛି। ତେବେ ଘରେ ଏହାର ବେଶୀ ଇଫେକ୍ଟ ନାହିଁ। ଲକ୍ଷ୍ୟ କରୁଛି ଏହି ଡେଉଁରିଆ ପିନ୍ଧିବା ପରଠାରୁ ମୋ ପ୍ରତି ଆମ ପଡ଼ୋଶୀନିଙ୍କ ଆକର୍ଷଣ ବଢ଼ିଯାଇଛି।

ବାବା ଏକଥା ଶୁଣିବା ମାତ୍ରେ ଅଳ୍ପ ହସି ଦାଢ଼ି ସାଉଁଳି କହିଲେ- ଡେଉଁରିଆର ଇଫେକ୍ଟ ଥାଉ କି ନଥାଉ, କିନ୍ତୁ ଏହାର ଯେ ସାଇଡ୍ ଇଫେକ୍ଟ ଅଛି ଏଇଟା ଜାଣିପାରୁଛ ତ ?

# ସରିଲା ଐତିହାସିକ ବାଲିଯାତ୍ରା: ୯ ଦିନରେ ୪୦୦କୋଟିର ବ୍ୟବସାୟ

**କଟକ,୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ କୂଳରେ ଚାଲିଥିବା ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟିକ ମହାକୁମ୍ଭ ତଥା ଐତିହାସିକ ବାଲିଯାତ୍ରା ଗୁରୁବାର ବିଦ୍ଧିବଧ ଭାବେ ଶେଷ ହୋଇଛି । ମନୋରଂଜନର ଏହି ମହୋତ୍ସବରେ ଆଜି ପୂର୍ଣ୍ଣଛେଦ ପଡ଼ିଛି । ଶେଷ ଦିନରେ ପ୍ରାୟ ୧୦ଲକ୍ଷରୁ ଅଧିକ ଲୋକ ଯାତ୍ରାକୁ ଉପଭୋଗ କରିଥିଲେ । ମେଳା ପଡ଼ିଆରେ ଅସମ୍ଭାଳ ଭିଡ଼ ଯୋଗୁ ରାଜପଥରୁ ରିଙ୍ଗ ବନ୍ଧକୁ ସମସ୍ତ ଗାଡ଼ି ପ୍ରବେଶ ଉପରେ କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଥିଲା । ରାତି ପ୍ରାୟ ୮ଟା ବେଳକୁ ଆଉ ପଡ଼ିଆକୁ ନ ଆସିବା ପାଇଁ ପୋଲିସ ପକ୍ଷରୁ ସୂଚନା ଜାରି କରାଯାଇଥିଲା । ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । ଉଭୟ ପଡ଼ିଆର ପାଖାପାଖି ୫ କିଲୋମିଟର ଦୂରରୁ ସମସ୍ତ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା । ସନ୍ଧ୍ୟା ସୁଧା ବାଲିଯାତ୍ରା ପାଇଁ ବ୍ୟବସ୍ଥା ହୋଇଥିବା ମୋଟ ୨୦ଟି ପାର୍କିଂ ସ୍ଥାନରେ ଗାଡ଼ି ଭର୍ତ୍ତି ହୋଇଯାଇଥିଲା । ପାର୍କିଂ ସ୍ଥାନରେ ପାଖାପାଖି ୭୦ହଜାର ଦୁଇ ଚକିଆ ଗାଡ଼ି ଓ ୧୦ହଜାର ଚାରି ଚକିଆ ଗାଡ଼ି ପାର୍କିଂ ହୋଇଥିଲା । ପାର୍କିଂ ପାଇଁ ଆଉ ସ୍ଥାନ ନଥିବାରୁ ବାଧହୋଇ ପୋଲିସ ଗାଡ଼ି ଚଳାଚଳ ଉପରେ କଟକଣା ଲଗାଇଥିଲା ।

ଶୀତୁଆ ସନ୍ଧ୍ୟାରେ ରଂଗାରଂଗ ଆଲୋକମାଳା ସହିତ ଦର୍ଶକମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭେଭାଗ କରିଥିଲେ । ବାଲିଯାତ୍ରାର ଅନ୍ତିମ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ମଂଚର ମୁଖ୍ୟ ଆକର୍ଷଣ ଥିଲା ବଲିଉଡ଼ର ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କ ସ୍ୱରର ଯାଦୁ । "ଚିକିନି ଚମେଲି", "ମନୁଆ ଲାଗେ" ଆଦି ବଲିଉଡ୍‌ର ସୁପରହିଟ ଗୀତ ପରିବେଷଣ କରି ଶ୍ରେୟା ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ ।




କଟକ ଐତିହାସିକ ବାଲିଯାତ୍ରା ଗତ ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଗତକାଲି ଶେଷ ହେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ପରେ ବାଲିଯାତ୍ରାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଥିଲା । ଆଜି ବାଲିଯାତ୍ରା ଶେଷ ହୋଇଥିବାବେଳେ ଏଥର ୯ ଦିନରେ ରେକର୍ଡ଼ ସଂଖ୍ୟକ ପ୍ରାୟ କୋଟିଏରୁ ଅଧିକ ଲୋକ ବାଲିଯାତ୍ରା ବୁଲିଥିବା ଆକଳନ କରାଯାଇଛି । ଉଭୟ ପଡ଼ିଆରେ ୨୫୦୦ରୁ ଅଧିକ ଷ୍ଟଲ ସାଂଗକୁ ୩ହଜାରରୁ ଅଧିକ ବ୍ୟବସାୟୀ ମେଳାକୁ ଆସିଥିଲେ । ଦୋଳି ଓ ମୀନା ବଜାର ସାଂଗକୁ ଜାତୀୟ ପଲ୍ଲିଶ୍ରୀ ମେଳା ଏଥର ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ସେହିପରି କଟକ-ଇନ-କଟକକୁ ନୂଆ ରୂପ ଦିଆଯାଇଥିଲା । ଓଡ଼ିଆ ଅସ୍ମିତାକୁ ନେଇ କଟକ ଇନ କଟକ ପାଭିଲିୟନ ସୁସଜ୍ଜିତ ହୋଇଥିଲା । ପାଭିଲିୟନ ପରିସରରେ ୧୦ଟି ସେଲଫି ପଏଣ୍ଟ ରହିଥିଲା, ଯାହା ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ବିଶେଷକରି ଯୁବପିଢ଼ି ସେଲଫି ପଏଣ୍ଟରେ ଫଟୋ ଉଠାଇବାକୁ ବେଶ ଆଗ୍ରହ ପ୍ରକାଶ କରିଥିଲେ । ତେଣୁ କଟକ ଇନ କଟକ ପରିସରରେ ପ୍ରତିଦିନ ଦର୍ଶକଙ୍କ ଭିଡ଼ ଜମୁଥିଲା ।

ଚଳିତ ବର୍ଷ ମେଳାରେ ବ୍ୟବସାୟ ବି ରେକର୍ଡ଼ କରିଛି । ଉଭୟ ପଡ଼ିଆର ବ୍ୟବସାୟକୁ ହିସାବକୁ ନେଲେ, ୯ ଦିନରେ ବାଲିଯାତ୍ରାରେ ବେପାର ୪୦୦କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । କେବଳ ଓରମାସ ପରିସରରେ ୬୦କୋଟି ଟଙ୍କାରୁ ଅଧିକ କାରବାର ହୋଇଥିବା ତଥ୍ୟ ମିଳିଛି । ୯ ଦିନ ଧରି ଲୋକଙ୍କ ଭିଡ଼ ଓ କୋଳାହଳରେ ଉଚ୍ଛୁଳି ପଡୁଥିବା ବାଲିଯାତ୍ରା ପଡ଼ିଆ ପୁଣି ଖାଁ ଖାଁ ହେବ । ଶୁକ୍ରବାର ସକାଳୁ ବ୍ୟବସାୟୀମାନେ ଘରକୁ ଫେରିଯିବେ । ତେବେ କଟକିଆ ଅପେକ୍ଷା କରି ରହିବେ ଆସନ୍ତା ବର୍ଷ ବାଲିଯାତ୍ରାକୁ ।

# ଶ୍ରୀଲଙ୍କା ଖେଳାଳିଙ୍କୁ ପିସିବିର କାର୍ଯ୍ୟାନୁଷ୍ଠାନ ଧମକ

**ଇସଲାମାବାଦ୍,୧୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାକିସ୍ତାନରେ ଥିବା ଶ୍ରୀଲଙ୍କା ଖେଳାଳିଙ୍କୁ ଘାରିଛି ସୁରକ୍ଷା ଚିନ୍ତା। ମଙ୍ଗଳବାର ଇସଲାମାବାଦ କାର ବିସ୍ଫୋରଣ ପରେ ନିଜକୁ ପାକିସ୍ତାନରେ ସୁରକ୍ଷିତ ମଣୁ ନାହାନ୍ତି ଶ୍ରୀଲଙ୍କା କ୍ରିକେଟ ଟିମର ସଦସ୍ୟ। ଏଥିପାଇଁ ସେମାନେ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ ଅଧାରୁ ଏହାକୁ ବାତିଲ କରି ସ୍ୱଦେଶ ଫେରିବାକୁ ଚାହୁଁଛନ୍ତି। ଏନେଇ ସେମାନେ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ଅନୁରୋଧ ମଧ୍ୟ କରିଛନ୍ତି। ହେଲେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ସେମାନଙ୍କ ଅନୁରୋଧକୁ ଗ୍ରହଣ କରୁନାହିଁ। ଯଦି କୌଣସି ଖେଳାଳି ସିରିଜ ଅଧାରୁ ପାକିସ୍ତାନ ଛାଡିବେ, ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ଧମକ ଦେଇଛି। ପାକିସ୍ତାନ ସହ ଚାଲିଥିବେ ଦିନିକିଆ ସିରିଜକୁ ଚାଲୁ ରଖିବା ପାଇଁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଖେଳାଳିଙ୍କୁ ପରାମର୍ଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ପାକିସ୍ତାନ ବିପକ୍ଷ ୩ଟିକିଆ ଦିନିକିଆ ସିରିଜରେ ସାମିଲ ଥିବା ଶ୍ରୀଲଙ୍କା ସ୍କାଡର ୮ ଜଣ ଖେଳାଳି ସୁରକ୍ଷା କାରଣରୁ ସ୍ୱଦେଶ ଫେରିବାକୁ ଆଗ୍ରହ ଦେଖାଇଥିଲେ। ଶୁକ୍ରବାର ରାୱଲପିଣ୍ଡିରେ ଦ୍ୱିତୀୟ ଦିନିକିଆ ଖେଳାଯିବାକୁ ଥିବା ବେଳେ ଗୁରୁବାର ୮ ଜଣ ଖେଳାଳି ସ୍ୱଦେଶ ଫେରିଯିବାକୁ ଚାହିଁଥିଲେ। ଏହାପରେ ଶ୍ରୀଲଙ୍କା ବୋର୍ଡ ଗୋଟିଏ ବିବୃତି ଜାରି କରି କହିଛି ଯେ "ଶ୍ରୀଲଙ୍କା କ୍ରିକେଟ (ଏସଏଲସି)କୁ ଟିମ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ଟିମର କିଛି ସଦସ୍ୟ ପାକିସ୍ତାନ ଛାଡି ସ୍ୱଦେଶ ଫେରିବାକୁ ଚାହୁଁଥିବା ଅବଗତ କରାଯାଇଥିଲା। ସେମାନେ ନିଜର ସୁରକ୍ଷାକୁ ନେଇ ପାକିସ୍ତାନରେ ଚିନ୍ତା ପ୍ରକଟ କରିଥିଲେ। ଏହି ଘଟଣା ପରେ ଏସଏଲସି ତୁରନ୍ତ ଖେଳାଳିଙ୍କ ସହ କଥା ହୋଇଥିଲା ଓ ସେମାନଙ୍କ ସବୁ ଚିନ୍ତା ପାକିସ୍ତାନ କ୍ରିକେଟ ବୋର୍ଡ ସହ ମିଶି ଦୂର କରାଯାଇଥିଲା। ଏ ସମ୍ପର୍କରେ ଖେଳାଳିମାନଙ୍କୁ ମଧ୍ୟ ଜଣାଯାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡର ପ୍ରାଧିକୃତ ଅଧିକାରୀ ଗସ୍ତରେ ଥିବା ସବୁ ସଦସ୍ୟଙ୍କ ସୁରକ୍ଷାର ଗ୍ୟାରେଣ୍ଟୀ ଦେଇଛନ୍ତି। ତେଣୁ ଏସଏଲସି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ ଓ ଟିମ ମ୍ୟାନେଜମେଣ୍ଟକୁ ଗସ୍ତ ଜାରି ରଖିବାକୁ ପରାମର୍ଶ ଦେଉଛି।

ଏହାପରେ ବି ଯଦି ଖେଳାଳିମାନେ ସ୍ୱଦେଶ ଫେରିବେ, ତା'ହେଲେ ବୋର୍ଡ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ସ୍ୱଦେଶ ଫେରୁଥିବା ଖେଳାଳିଙ୍କ ବଦଳ ଖେଳାଳିଙ୍କ ନାଁ ମଧ୍ୟ ଘୋଷଣା କରାଯିବ।" ଏବେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦିନିକିଆ ସିରିଜ ଚାଲିଛି। ୩ ଟିକିଆ ଦିନିକିଆ ସିରିଜ ଭାବେ ପାକିସ୍ତାନ-ଶ୍ରୀଲଙ୍କା-ଜାମ୍ବାୱେ ମଧ୍ୟରେ ତ୍ରିପାକ୍ଷିକ ଟି-୨୦ ସିରିଜ ଅନୁଷ୍ଠିତ ହେବ। ନଭେମ୍ବର ୧୭ରୁ ୨୯ ଯାଏ ମ୍ୟାଚ୍‌ଗୁଡିକ ରାୱଲପିଣ୍ଡି ଓ ଲାହୋରରେ ଖେଳାଯିବ।

# ଗଞ୍ଜେଇ ଗଛ ନଷ୍ଟ କରିବାକୁ ୭୦ଲକ୍ଷ ବ୍ୟୟବରାଦ

**ଭୁବନେଶ୍ୱର,୧୩।୧୧**
**ତଥ୍ୟ**

ଗଞ୍ଜେଇ ଗଛ ଧ୍ୱଂସ କରିବା ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟ କରୁଥିବାବେଳେ ଗଞ୍ଜେଇ ଉତ୍ପାଦନ ଓ ଚୋରା ଚାଲାଣ କିନ୍ତୁ ବଢ଼ି ଚାଲିଛି। ରାଜ୍ୟର ଗାଁ ଗହଳରୁ ସହରାଞ୍ଚଳର ବସ୍ତିରେ ଗଞ୍ଜେଇ ହାଉଯାଉ ହେଉଥିବାବେଳେ ବିଭିନ୍ନ ରାଜ୍ୟକୁ ମଧ୍ୟ ଓଡ଼ିଶାରୁ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଛି। ଅବଶ୍ୟ ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ଚୋରା ଗଞ୍ଜେଇ ଧରାପଡୁଛି। ତେବେ ଜବତ ହେଉଥିବା ଚୋରା ଗଞ୍ଜେଇ ତୁଳନାରେ ଚୋରା ବଜାରରେ ବିକ୍ରି ହେଉଥିବା ଗଞ୍ଜେଇର ପରିମାଣ ଢେର ଅଧିକ ବୋଲି ଆଶଙ୍କା କରାଯାଉଛି।

ଗଞ୍ଜେଇ ଗଛ ନଷ୍ଟ କରିବାପାଇଁ ଗତ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲା। ଉକ୍ତ ଆର୍ଥିକ ବର୍ଷର ପ୍ରଥମ ୯ମାସରେ ମାଲକାନଗିରି, ଅନୁଗୁଳ, ବୌଦ୍ଧ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ କନ୍ଧମାଳ ଭଳି ଜିଲ୍ଲାରେ ପାଖାପାଖି ୨୫ ହଜାର ଏକର ଜମିରୁ ପ୍ରାୟ ୨୩ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ବର୍ଷକୁ ପାଖାପାଖି ୩୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଚୋରା ଗଞ୍ଜେଇ ଓ ଭାଙ୍ଗ ଅବକାରୀ ବିଭାଗ କର୍ତ୍ତୃପକ୍ଷ ଜବତ କରୁଛନ୍ତି।

ସାଧାରଣତଃ ପାର୍ବତ୍ୟାଞ୍ଚଳରେ ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ଅନେକ ସ୍ଥାନରେ ହେଉଛି। ଗଞ୍ଜେଇକୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିଲେ ମଧ୍ୟ ଏହାର ବ୍ୟବହାର ଏବେ ଯୁବ ପିଢ଼ିଙ୍କୁ ପଙ୍ଗୁ କରିଦେଇଛି। ଦେଶୀ ବିଦେଶୀ ମଦ ସାଙ୍ଗକୁ ବ୍ରାଉନସୁଗାର, ଅଫିମ, ଚରସ, ହେରୋଇନ୍ ଓ ଆଉ ଅନେକ ମାରାତ୍ମକ ନିଶା ସାମଗ୍ରୀର ପ୍ରସାର ବଢ଼ି ଚାଲିଛି। ଏହା ରୋକିବା ପାଇଁ ମଧ୍ୟ ସରକାରୀ ସ୍ତରରେ ସଚେତନତାଠାରୁ ଆରମ୍ଭ କରି ଥଇଥାନ ଓ ଚଢ଼ଉ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରାମ ଚାଲୁଛି।



କେନ୍ଦ୍ର ସରକାର ବି ନିଶାମୁକ୍ତ ଭାରତ ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାରେ ନିଶା ରୋକିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ଚୋରା ନିଶା କାରବାରରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଦମନ କରିବା ପାଇଁ ଓଡ଼ିଶା ଅବକାରୀ ଆଇନ୍‌ର ୮୭ଧାରା ଅନୁଯାୟୀ କେତେକ ସ୍ୱତନ୍ତ୍ର ଅଦାଲତ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏସବୁ ସତ୍ତ୍ୱେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ କମ୍ ରହୁଛି। ଗତ ୫ବର୍ଷର ସରକାରୀ ହିସାବ ମୁତାବକ ବାର୍ଷିକ ହାରାହାରି ୪୫ଟି ଅବକାରୀ ମାମଲାରେ ଦଣ୍ଡବିଧାନ ହେଉଥିବାବେଳେ ୧୧ ହଜାରରୁ ଅଧିକ ମାମଲାରେ ଅଭିଯୁକ୍ତ ଖସିଯାଉଛନ୍ତି।

ଚୋରା ନିଶା କାରବାର ରୋକିବା ଲାଗି ଅବକାରୀ ଓ ପୋଲିସ ଏବଂ କେନ୍ଦ୍ର ସରକାରଙ୍କ ବହୁ ସଂସ୍ଥା ରହିଛି। ଏସବୁ ସତ୍ତ୍ୱେ ଗଞ୍ଜେଇ କିଭଳି ଚାଷ ହେଉଛି ଓ ତାହା ରାଜ୍ୟ ବାହାରକୁ ଚାଲାଣ ସହିତ ରାଜ୍ୟ ଭିତରେ ବ୍ୟାପକ କ୍ଷତି ଘଟାଉଛି ତାହା ଚିନ୍ତାଜନକ। ଯେଉଁସବୁ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି ଓ ଅନ୍ୟ ନିଶା ଦ୍ରବ୍ୟର ଚୋରା କାରବାର ବଢୁଛି ସେଠାରେ ଉଭୟ ଅବକାରୀ ଓ ପୁଲିସ ବିଭାଗର ଗୁଇନ୍ଦା ସଂସ୍ଥା ପୂର୍ବରୁ ଖବର ଦେଲେ ଗଞ୍ଜେଇ ଚାଷର ମୂଳୋତ୍ପାଟନ ହୋଇପାରନ୍ତା ବୋଲି ବହୁ ଅବସରପ୍ରାପ୍ତ ପୁଲିସ ଓ ଅବକାରୀ ଅଧିକାରୀ ସ୍ୱୀକାର କରୁଛନ୍ତି। ଏହାଛଡ଼ା ସଂପୃକ୍ତ ଅଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି, ରାଜନୈତିକ କର୍ମୀଙ୍କ ଭିତରୁ ଅନେକ ମଧ୍ୟ ଚୋରା ଗଞ୍ଜେଇ ଚାଷ ସଂପର୍କରେ ଅବହିତ।

ସମସ୍ତଙ୍କ ସହଯୋଗରେ ସମ୍ମିଳିତ ଉଦ୍ୟମ ହେଲେ ଗଞ୍ଜେଇ ସମେତ ଅନ୍ୟାନ୍ୟ ନିଶା ନିବାରିତ ହୋଇପାରିବ ଏବଂ ଏଥିଯୋଗୁ ବ୍ୟକ୍ତି, ପରିବାର, ସାମଜ ଓ ସରକାର ମଧ୍ୟ ଲକ୍ଷଲକ୍ଷ କୋଟି ଟଙ୍କାର କ୍ଷତିରୁ ବର୍ତ୍ତି ଯାଇପାରନ୍ତେ ବୋଲି ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ କର୍ମୀମାନେ କହୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୪୧ ବୁଥରେ...

ନିର୍ବାଚନରେ ବିଜେପି ଦ୍ୱାରା ବିଭିନ୍ନ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ଓ ନିର୍ବାଚନ ସମୟରେ ଅନେକ ଅନିୟମିତତାର ଅଭିଯୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ଦାଖଲ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ନାୟକ କହିଥିଲେ, ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫% ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୮୩.୫% ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଅଧିକ ପ୍ରତିଶତ ଭୋଟ ହେବା ଗଣତନ୍ତ୍ର ପାଇଁ ଏକ ଶୁଭ ଲକ୍ଷଣ। କିନ୍ତୁ ଭୋଟିଂ ସମୟ ଶେଷ ହେବା ପରେ ଅର୍ଥାତ ସନ୍ଧ୍ୟା ୫ଟା ପରେ ପ୍ରାୟ ୮%ରୁ ଅଧିକ ଭୋଟ ପଡିବା ସନ୍ଦେହଜନକ। ଆହୁରି ପ୍ରାୟ ୪୧ଟି ବୁଥରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ହେବା, ଭୋଟ ରିଗିଙ୍ଗ ହୋଇଥିବା ସନ୍ଦେହ ସୃଷ୍ଟି କରିଛି। ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ବିଜେପି ପ୍ରତି ସରକାରୀ ଅଧିକାରୀଙ୍କ ଅହେତୁକ ସହଯୋଗ ଦେଖିବାକୁ ମିଳିଥିଲା। ନିରବ ଅବଧିରେ ଭୋଟରଙ୍କ ବ୍ୟତୀତ ଅନ୍ୟ କେହି ଉପସ୍ଥିତ ରହିପାରିବେ ନାହିଁ ବୋଲି ନିୟମ ଥିବାରୁ, ବିଧି ବ୍ୟବସ୍ଥାକୁ ସମ୍ମାନ ଜଣାଇ ବିଜୁ ଜନତା ଦଳର ସମସ୍ତ ନେତାମାନେ ନୂଆପଡା ଛାଡି ଦେଇଥିଲେ। କିନ୍ତୁ ବିଜେପିର ଅନେକ ନେତା ସେଠାରେ ଉପସ୍ଥିତ ରହି ଭୋଟରମାନଙ୍କୁ ପ୍ରଭାବିତ କରୁଥିଲେ। ଏହାର ଅଭିଯୋଗ ବିଧିବଧ ଭାବେ ନିର୍ବାଚନ ଅଧିକାରୀଙ୍କ ପାଖରେ ରଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା।

ଡ଼ ଲେନିନ ମହାନ୍ତି କହିଥିଲେ, ଯେଉଁ ବୁଥ୍ ଗୁଡିକରେ ୯୦%ରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍‌ଗୁଡିକର ସିସିଟିଭି ଫୁଟେଜ ଆମକୁ ପ୍ରଦାନ କରାଯାଉ। ସିସିଟିଭି ଫୁଟେଜ ହିଁ ପ୍ରମାଣ କରିବ ବାସ୍ତବରେ ଲୋକ ଭୋଟ ଦେଇଛନ୍ତି ନା ହେରଫେର ହୋଇଛି। ଇଭିଏମ ମେସିନ ଗୋଟିଏ ଘରୋଇ ଗାଡ଼ିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଥିଲା। ପ୍ରାର୍ଥୀ ଚୋରି, ଭୋଟ ଚୋରି ପରେ ଏବେ ବୁଥ୍ ଚୋରି ଦେଖିବାକୁ ମିଳିଲା। ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ୯୦ ପ୍ରତିଶତ ଭୋଟିଂ ହେବା ଏକ ବିରଳ ଘଟଣା। ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି। ଏହାଛଡା ସରକାରୀ ଅଧିକାରୀମାନେ ବିଜେପିର ଏଜେଣ୍ଟ ସାଜି ବିଜେପିକୁ ଜିତାଇବା ପାଇଁ କାମ କରୁଥିଲେ। ବିଜୁ ଜନତା ଦଳ ଅନେକ ସମୟରେ ନିର୍ବାଚନ ପ୍ରଚାର ବେଳେ ଘଟୁଥିବା ଅନିୟମିତତାକୁ ନେଇ ଜିଲ୍ଲାର ଅଧିକାରୀମାନଙ୍କୁ ଭେଟି ସେମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। କିନ୍ତୁ ସେମାନଙ୍କ ଠାରୁ ବିଜେଡିକୁ କୌଣସି ସହଯୋଗ ମିଳୁ ନଥିଲା।

### ଏଜି ଛକରେ...

ଆଲୋଚନା କରିଛନ୍ତି ପୂର୍ତ୍ତମନ୍ତ୍ରୀ। ଏଥି ସହିତ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜିଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଛି।

### ଆସନ୍ନ ପରାଜୟକୁ...

ରାଜନୀତିରେ ଆଦୌ ଗ୍ରହଣୀୟ ନୁହେଁ। ପରବର୍ତ୍ତୀ ସମୟରେ ତାଙ୍କ ଦଳର ଜଣେ ବରିଷ୍ଠ ନେତ୍ରୀ ବିଜେପି ଉପରେ ମିଥ୍ୟା ଆରୋପ ଲଗାଇବାକୁ ଯାଇ ଗଣମାଧମ ସମ୍ମୁଖରେ କହିଲେ ଯେ, ଗଞ୍ଜାମରୁ କୁଆଡ଼େ ଗୋଟିଏ ଟ୍ରକ୍ ଇଭିଏମ୍ ନୂଆପଡ଼ା ଆସିଛି। ପରେ ତାଙ୍କ ଦଳର ଜଣେ ବରିଷ୍ଠ ନେତା ଏଡିଟ୍ ହୋଇଥିବା ଏକ ଫଟୋକୁ ସାମାଜିକ ଗଣମାଧମରେ ପୋଷ୍ଟ କରି ଭୋଟ ଏପଟସେପଟ ହୋଇଥିବା ଆରୋପ ଲଗାଇ ନୂଆପଡ଼ାବାସୀଙ୍କୁ ଭ୍ରମିତ କଲେ।

ଏହି ଉପନିର୍ବାଚନରେ ବିଜେପି ଏକା ଲଢେଇ କରୁନଥିଲା। ୧୪ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନିଜକୁ ଶୃଙ୍ଖଳିତ ତଥା ବଡ ଦଳ ବୋଲି କହୁଥିବା ବିଜେଡିର ଏଜେଂଟ ପୋଲିଂ ବୁଥ୍‌ରେ ଥିଲେ ନା ନାହିଁ ? ଯଦି ଥିଲେ ମତଦାନ ଚାଲିଥିବା ସମୟରେ କାହିଁକି ଅଭିଯୋଗ କରିନଥିଲେ ? ନିର୍ବାଚନ ସରିବା ପର୍ଯ୍ୟନ୍ତ ସବୁ କିଛି ଶୃଙ୍ଖଳିତ ଥିବାବେଳେ ଏବେ ମତଦାନର ଦୁଇଦିନ ପରେ ଭୁବନେଶ୍ୱରରେ ବସିଥିବା ବିଜେଡିର କେତେଜଣ ତଥାକଥିତ ନେତା ଏବେ ଏଭଳି ମିଥ୍ୟା ଆରୋପ ଲଗାଇବା ଆରମ୍ଭ କରିଛନ୍ତି।

ନିର୍ବାଚନ ସମୟରେ ସେଠାରେ ଅନେକ ଗଣମଧାମର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। କେହି ବି ଭୋଟ ଏପଟସେପଟ ହୋଇଥିବା କହି ନ ଥିବାବେଳେ ଫଳାଫଳ ବାହାରିବାର ଗୋଟିଏ ଦିନ ପୂର୍ବରୁ ଏଭଳି ଆରୋପ ଲଗାଇବା ସମ୍ପୂର୍ଣ୍ଣ କପଳୋକଳ୍ପିତ ଓ ଭିତିହୀନ। ଏହା ବିଜେଡିର ହତାଶାଭାବକୁ ପରିପ୍ରକାଶ କରିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତି ନୂଆପଡାବାସୀଙ୍କ ଅଗାଢ ଭଲପାଇବାକୁ ବିଜେଡି ସହ୍ୟ କରି ପାରୁନାହିଁ, ଯାହା ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରି ହୋଇପଡୁଛି। ବିଜେଡିର ଦଳୀୟ କର୍ମୀଙ୍କ ମଧ୍ୟରେ ଏହି ହତାଶ ଭାବକୁ ଲୁଚାଇବା ପାଇଁ ବିଜେଡି ଏଭଳି ମିଛ ବୟାନବାଜୀ କରୁଛି, ଯାହା ଗଣତନ୍ତ୍ର ପାଇଁ ଆଦୌ ଶୋଭନୀୟ ନୁହେଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

### ଦିଲ୍ଲୀରେ ଏବେ...

ସ୍ଥିତି ଗମ୍ଭୀର ରହିଛି। ଗୁରୁବାର ମଧ୍ୟ ଦିଲ୍ଲୀ ବାୟୁମଣ୍ଡଳରେ ଧୂଳି ଧୂଆଁରେ ଏକ ପତଳା ଧୂମିଳ ଆସ୍ତରଣ ଘୋଡାଇ ହୋଇ ରହିଥିଲା। ଆଜି ବି ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ)ରେ ବାୟୁ ପ୍ରଦୂଷଣ ସିଭିୟର କ୍ୟାଟେଗୋରୀ(ଗମ୍ଭୀର ବର୍ଗ)ରେ ରହିଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁଯାୟୀ, ବାୱାନାରେ ସକାଳ ୮ଟାରେ ସର୍ବାଧିକ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୬୦ ରେକର୍ଡ କରାଯାଇଥିଲା। ଏନଏସଆଇଟି ଦ୍ୱାରକାରେ ସର୍ବନିମ୍ନ ୨୧୬ ରେକର୍ଡ ହୋଇଥିଲା।

ତଥ୍ୟ ଅନୁଯାୟୀ, ଅନେକ ପ୍ରମୁଖ ମନିଟରିଂ ଷ୍ଟେସନରେ ସକାଳ ୮ଟାରେ ଚିନ୍ତାଜନକ ଏକ୍ୟୁଆଇ ରେକର୍ଡ କରାଯାଇଥିଲା। ଆନନ୍ଦ ବିହାର (୪୩୧), ବାୱାନା (୬୦), ଚାନ୍ଦନୀ ଚୌକ (୪୫୫), ଅଶୋକ ବିହାର (୩୪୮), ନର୍ଥ କ୍ୟାମ୍ପସ ଡିୟୁ (୪୧୪), ଦ୍ୱାରକା ସେକ୍ଟର ୮ (୪୦୦), ଆଇଟିଓ(୪୩୮), ମୁଣ୍ଡକା (୪୩୮), ନରେଲା (୪୩୧) ଏବଂ ରୋହିଣୀ (୪୪୭)।

ଏପଟେ ଦେଶର ରାଜଧାନୀ ବିଷାକ୍ତ ହେଉଥିବା ବେଳେ ଲୋକ ଚରିତ୍ର କିନ୍ତୁ ବଦଳୁ ନାହିଁ। ଶୀତ ଦିନରେ ବାରମ୍ବାର ନଡା, ପାଳ ନଜଳାଇବାକୁ ଅନୁରୋଧ ଓ ତାଗିଦ କରିବା ସତ୍ତ୍ୱେ ବି ଲୋକେ ମାନୁ ନାହାନ୍ତି। ତେଣୁ ସୁପ୍ରିମକୋର୍ଟ ବୁଧବାର ପଞ୍ଜାବ ଏବଂ ହରିୟାଣାକୁ ନଡ଼ା ପୋଡ଼ିବା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟି ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ଗୋଟିଏ ସପ୍ତାହ ମଧ୍ୟରେ ପ୍ରାସଙ୍ଗିକ ତଥ୍ୟ ସଂଗ୍ରହ କରି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଚାରପତି।

### କଙ୍ଗନାଙ୍କ ନାଁରେ...

ଆବେଦନକୁ ଗ୍ରହଣ କରିଥିଲେ। ମାମଲାଟି ବର୍ତ୍ତମାନ ସ୍ୱତନ୍ତ୍ର ଏମ୍‌ପି-ବିଧାୟକ କୋର୍ଟକୁ ଯିବ, ଏବଂ ପରବର୍ତ୍ତୀ ଶୁଣାଣି ୨୯ ନଭେମ୍ବର, ୨୦୨୫ ରେ ସ୍ଥିର କରାଯାଇଛି। କାରଣ କୋର୍ଟ କହିଛନ୍ତି, ସେହି ଶୁଣାଣି ସମୟରେ କଙ୍ଗନାଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ପଡ଼ିପାରେ।

ଏହା ଉଲ୍ଲେଖଯୋଗ୍ୟ ଯେ, ଛଅ ଥର ସମନ ଜାରି ସତ୍ତ୍ୱେ, କଙ୍ଗନା ଏପର୍ଯ୍ୟନ୍ତ କୋର୍ଟରେ ହାଜର ହୋଇନାହାଁନ୍ତି। ପୂର୍ବରୁ, ଚାଷୀ ପ୍ରତିବାଦ ଉପରେ ତାଙ୍କ ବୟାନକୁ ନେଇ ଚଣ୍ଡିଗଡ଼ ବିମାନବନ୍ଦରରେ ଜଣେ ସିଆଇଏସଏଫ କନଷ୍ଟେବଳ ତାଙ୍କୁ ଚାପୁଡ଼ା ମାରିଥିଲେ।

### ୬୪ କୋଟି ଲିଟର...

ଯୋଗୁ ଲୋକେ ଏପରି ଦୁଗ୍ଧ ଉପଯୋଗ କରି ନାନା ରୋଗରେ ପୀଡିତ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚିତ କରିଛନ୍ତି। ଏବେ ଦେଶରେ ନକଲି ଦୁଗ୍ଧ ପ୍ରସାର ଯୋଗୁ ଲୋକେ ଯେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି ସେଥିରେ କ୍ୟାନସର, ଡାୟବେଟିଜ୍, ହାଇବ୍ଲଡ ପ୍ରେସର, ଡିପ୍ରେସନ, ଥାଇରଏଡ ଓ ପେଟ ବେମାରୀ ହେଉଛି। ଏଣୁ ଏପରି ଦୁଗ୍ଧ ପ୍ରସାର ରୋକିବା ଲାଗି ଭାରତ ସରକାରଙ୍କୁ ସତର୍କ କରାଇଛନ୍ତି।

### ୨୦ରୁ ଅଧିକ...

ମିନିବସ୍, କାର, ଦୁଇଚକିଆ ଭଳି ଅନେକ ଛୋଟ ଗାଡ଼ିକୁ ଧକ୍କା ଦେଇଥିଲା। କୁହାଯାଉଛି ଯେ, ଦ୍ରୁତ ଗତିରେ ଯାଉଥିବା ଟ୍ରକର ବ୍ରେକ୍ ଫେଲ୍ ହୋଇଯାଇଥିଲା, ଯାହା ଫଳରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଶେଷରେ ଟ୍ରକଟି ଏକ କଣ୍ଟେନରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଦୁର୍ଭାଗ୍ୟବଶତଃ, ଦୁଇଟି ଗାଡ଼ି ମଧ୍ୟରେ ଏକ କାର ମଧ୍ୟ ଫସି ଯାଇଥିଲା ଏବଂ ସମସ୍ତ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଟ୍ରକର ବ୍ରେକ୍ ଫେଲ୍ ହୋଇଥିବା ଡ୍ରାଇଭରଙ୍କ ମଧ୍ୟ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ସୂଚନା ପାଇବା ମାତ୍ରେ ପୁଣେ ପୋଲିସ ଏବଂ ଜରୁରୀକାଳୀନ ସେବା ଘଟଣାସ୍ଥଳକୁ ପହଞ୍ଚିଥିଲା। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଅନେକ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ଗାଡ଼ି ନିୟୋଜିତ କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର, ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏକ ଟ୍ରକର ବ୍ରେକ୍ ଫେଲ୍ ହୋଇଯାଇଥିଲା ଏବଂ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ବ୍ରିଜ୍‌ରେ ଜୋରଦାର ଜାମ୍ ଲାଗି ରହିଥିଲା। ଟ୍ରାଫିକ୍ ପୋଲିସ ସତାରାରୁ ମୁମ୍ବାଇ ଯାଉଥିବା ଲେନ୍‌କୁ ପୁରା ବନ୍ଦ କରିଦେଇଛନ୍ତି।

### ଯାନ୍ତିକ କୃଷିର...

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟରେ ୩୭ଟି ଗୋଶାଳା ନିର୍ମାଣ ହୋଇଥିବାବେଳେ ମୋଟ୍ ୯୫ଟି ପଞ୍ଜିକୃତ ଗୋଶାଳା କାର୍ଯ୍ୟ କରୁଛି। ଏଠାରେ ବୁଲା ଗାଇଗୋରୁଙ୍କ ସହିତ ରାସ୍ତାଘାଟରେ ବୁଲୁଥିବା ରୋଗିଣା ଗୋରୁଙ୍କୁ ମଧ୍ୟ ରଖାଯାଉଛି। ଏଠାରେ ସେମାନଙ୍କୁ ଖାଦ୍ୟ ପାନୀୟ ସହିତ ଚିକିତ୍ସାସେବା ବି ଯୋଗାଇ ଦିଆଯାଉଛି। ଏଥିପାଇଁ ମଧ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ଫସଲ ନଷ୍ଟ ସହିତ ରାସ୍ତାଘାଟରେ ଦୁର୍ଘଟଣାର କାରଣ ପାଲଟିଥିବା ବୁଲା ଗାଈ ଗୋରୁ ଓ ଲୋକଙ୍କ ଦ୍ୱାରା ଛାଡି ଦିଆଯାଉଥିବା ଷଣ୍ଢଙ୍କ ଉତ୍ପାତରୁ ଏହି ଗୋଶାଳା ଜରିଆରେ ମୁକ୍ତି ମିଳିବ ବୋଲି ସରକାର ବିଚାରୁଛନ୍ତି । ମୋଟା ଅଙ୍କର ସହାୟତା ମିଳୁଥିବାରୁ ଅଧିକରୁ ଅଧିକ ଲୋକେ ମଧ୍ୟ ଗୋଶାଳା ନିର୍ମାଣ ପାଇଁ ଆଗେଇ ଆସୁଥିବା ଲକ୍ଷ୍ୟ କରାଯାଉଛି।

# ନଦୀରେ ଭାସିଯାଇ ୨ ନିଖୋଜ: ଜଣେ ଉଦ୍ଧାର

**ଫୁଲନଖରା/ନିଆଳି,୧୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**



ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ସିମଳଦା ଗ୍ରାମ ନିକଟରେ ଦେବୀ ନଦୀରେ ଷଣ୍ଢକୁ ଆରପାଖକୁ ଛାଡିବାକୁ ଯାଇ ତିନଜଣ ନିଖୋଜ ହୋଇ ଯାଇଛନ୍ତି। କୋରକରା ପଂଚାୟତ ସ୍ଥିତ ବିଶିପଦା ଗ୍ରାମର ରତ୍ନାକର ମଲ୍ଲିକ (୬୦), ନାହାଳପୁର ପଂଚାୟତର ଶଶୀ ଭୋଇ (୫୦) ଏବଂ ଭରତ ପ୍ରଧାନ (୫୦) ବୋଲି ସୂଚନା ମିଳିଛି। ଷଣ୍ଢଟି ଅଧା ପାଣିରେ ଛିଡା ହୋଇଥିଲା ବେଳେ ତିନି ଜଣ ଲୋକ ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ନଦୀ ଭିତରେ ଖୋଜାଖୋଜି ଜାରୀ ରଖିଥିଲେ। ପରେ ଅଗ୍ନିଶମ ବାହିନୀର ଜାଲରେ ଚାଷୀ ଶଶୀ ଭୋଇ ଉଦ୍ଧାର ହୋଇଥିବା ଜଣାଯାଇଛି। ଅନ୍ୟ ଦୁଇ ଚାଷୀ ଖବର ଲେଖା ହେବା ପର୍ଯ୍ୟନ୍ତ ମିଳିନଥିଲେ। ଘଟଣା ସ୍ଥଳରେ ଗୋବିନ୍ଦପୁର ପୋଲିସ ଏବଂ ସଦର ଉପଖଣ୍ଡ ଏସେଡ଼ିପିଓ ଉପସ୍ଥିତ ଅଛନ୍ତି। ସୂଚନାଥାଉ କି କ୍ଷେତରେ କୋବି ଚାଷ କରି ଏମାନେ ପରିବାର ପୋଷଣ କରୁଥିଲେ। ଷଣ୍ଢ କୋବିଗୁଡିକୁ ନଷ୍ଟ କରିଦେଇଥିବାରୁ ଷଣ୍ଢଙ୍କୁ ଧରି ନଦୀପାର କରୁଥିଲେ। ନଦୀ ତୁଠରେ ଚପଲ ଓ ପିନ୍ଧା ବସ୍ତ୍ର ରହିଛି। ଏମାନଙ୍କ ପରିବାରକୁ ବିଜେଡି ନେତା ତଥା କଣ୍ଟାପଡା ବ୍ଲକ ଯୁବ ବିଜେଡି ସଭାପତି ବିମାନ ବେହେରା ପହଂଚି ସାନ୍ତ୍ୱନା ଦେଇଛନ୍ତି।

# ବାଣ କାରଖାନାରେ ବିସ୍ଫୋରଣ: ୨ ମୃତ

**ନୂଆଦିଲ୍ଲୀ,୧୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍ତର ପ୍ରଦେଶର ବାରବାଙ୍କୀରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଟିକୈତନଗର ଥାନା ଅଞ୍ଚଳ ଅନ୍ତର୍ଗତ ସରାଇ ବାରାଇ ଗାଁରେ ଥିବା ଏକ ବାଣ କାରଖାନାରେ ଗୁରୁବାର ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇବା ପରେ, ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ଏବଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ (ଏସପି) ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ପହଞ୍ଚି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଏହି ବିସ୍ଫୋରଣ ହେଲା ତାହା ଜାଣିବାକୁ ପୁଲିସ ଉଦ୍ୟମ କରୁଛି । ବିସ୍ଫୋରଣ ହୋଇଥିବା ଏହି କାରଖାନାଟି ଏକ ବେଆଇନ ବାଣ କାରଖାନା ଥିଲା ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ଦିଲ୍ଲୀରେ ଗତ ୧୦ ତାରିଖରେ ହୋଇଥିବା ବୋମା ବିସ୍ଫୋରଣ ପରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନ ସତର୍କତା ବଢାଇ ଦିଆଯାଇଛି। ସାରା ରାଜ୍ୟ ହାଇଆଲର୍ଟରେ ରହିଛି। ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟର ସବୁ ସଂବେଦନଶୀଳ ସ୍ଥାନରେ ଚେକିଂ ଓ ସୁରକ୍ଷା ଜୋରଦାର କରାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ